ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.273 Bhubaneswar Tuesday, December 21, 2021 | ୨୪ତମ ବର୍ଷ ସଂଖ୍ୟା–୨୭୩ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ସ୍ୱାଗତଂ !    ସ୍ୱାଗତଂ !!    ସ୍ୱାଗତଂ !!!

## ଜେଭି-୯୦ ମହାବନ୍ଧୁମିଳନ କାର୍ଯ୍ୟକ୍ରମ

ସ୍ଥାନ : ଏମ.ବିଏ. ଅଡ଼ିଟୋରିୟମ୍
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା
ତାରିଖ : ୨୬ ଡିସେମ୍ବର ୨୦୨୧(ରବିବାର)
ସମୟ : ସକାଳ ୮.୦୦ ରୁ ସନ୍ଧ୍ୟା ୫.୦୦ ଘଟିକା

ସୌଜନ୍ୟ : ଜ୍ୟୋତିବିହାର-୯୦ ସଦସ୍ୟ ବୃନ୍ଦ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡିଶାର ଦୀର୍ଘତମ ସେତୁ ଉଦଘାଟିତ






ଭୁବନେଶ୍ୱର,୨୦।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି (ସୋମବାର)ବଡମ୍ବା ଗୋପୀନାଥପୁର ଠାରେ ମହାନଦୀ ଉପରେ ରାଜ୍ୟର ସବୁଠାରୁ ଦୀର୍ଘତମ ସେତୁକୁ ଉଦ୍ ଘାଟନ କରିଛନ୍ତି। ୩.୪ କିଲୋମିଟର ଦୀର୍ଘ ଏହି ସେତୁର ଆକାର ଇଂରାଜୀ 'ଟି' ଅକ୍ଷରୁ ସଦୃଶ। ଏହା ରାଜ୍ୟର ପ୍ରଥମ 'ଟି' ସେତୁ। ଏହା ସେ ଅଂଚଳବାସୀଙ୍କର ଦୀର୍ଘ ଦିନର ଦାବୀ ଥିଲା। ଏଥିପାଇଁ ୧୧୧ କୋଟି ଟଙ୍କା ବିନିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୧୪ ମସିହାରେ ଏଥିପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ ।ଏହି ସେତୁ ବଡମ୍ବା ନରସିଂହପୁରରୁ ବାଙ୍କୀ ବୈଦେଶ୍ୱରକୁ ସଂଯୋଗ କରିବା ସହିତ ନଦୀ ଅବସ୍ଥିତ ସିଂହନାଥ ମନ୍ଦିରକୁ ମଧ୍ୟ ସଂଯୋଗ କରୁଛି। ଏହାଦ୍ୱାରା ବଡମ୍ବାରୁ ବାଙ୍କୀ ବୈଦେଶ୍ୱରର ଦୂରତ୍ୱ ୪୫ କିଲୋମିଟର ହ୍ରାସ ପାଇବ। ନିକଟସ୍ଥ ଅଂଚଳର ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଗମନାଗମନରେ ସୁବିଧା ହେବ। ଏହି ଅଂଚଳରେ କୃଷି, ବାଣିଜ୍ୟ ଏବଂ ପର୍ଯ୍ୟଟନର ବିକାଶ ହେବ।ଏହି କାର୍ଯ୍ୟକ୍ରମରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଓ ବାଙ୍କୀ ବିଧାୟକ ଦେବୀ ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଶା କର୍ମୀଙ୍କ ସମସ୍ୟା ନେଇ ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୨୦।୧୨(ପି.ଏନ): ଏ.ଆଇ.ଟି.ୟୁ.ସି. ସହବନ୍ଧିତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ତରଫରୁ ୧୧ ଦଫା ଦାବି ଉପରେ ବିଧାନସଭା ସମ୍ମୁଖରେ ବିରାଟ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଆଶାକର୍ମୀ ମାଷ୍ଟରକ୍ୟାଂଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଶା କର୍ମୀ ସଂଘର ରାଜ୍ୟ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦିକା ନମିତା ସାହୁ ଦାବି ଉପସ୍ଥାପିତ କରିଥିଲେ। ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ଯଥା – ମାସିକିଆ ଭତା ଧାର୍ଯ୍ୟ, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତି ଅନୁସାରେ ୱାର୍କର ମାନ୍ୟତା, ସର୍ବନିମ୍ନ ଭତା ୨୧,୦୦୦ ଟଙ୍କା ଓ ପେନ୍‌ସନ୍ ୧୦,୦୦୦ ଟଙ୍କା, ଆଶା କର୍ମୀଙ୍କ ବହିଷ୍କାର ବୟସ ସୀମା ୬୨ରୁ ୬୫ ବର୍ଷକୁ ବୃଦ୍ଧି, ସହାୟତା ରାଶି ୨୦,୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କା ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ରାଶି ୩ ଲକ୍ଷ ଟଙ୍କା, ସହରାଂଚଳ ଓ ଗ୍ରାମାଂଚଳ ଆଶାକର୍ମୀଙ୍କ ପାଇଁ ସମାନ ପ୍ରୋତ୍ସାହନ ରାଶି ଓ ଜନନୀ ସୁରକ୍ଷା ଅନୁଦାନ ବୃଦ୍ଧି, କେନ୍ଦ୍ର ସରକାର ଘୋଷଣା କରିଥିବା ମାସିକ ପ୍ରୋତ୍ସାହନ ରାଶି ଏକ ହଜାର ଟଙ୍କା ଲାଗୁ କରିବା, ସଂସଦୀୟ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ଏବଂ ମୋବାଇଲ ପରିବର୍ତ୍ତନ ଆଦି ଦାବି ଉପରେ ଏକ ଦାବିପତ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା। ଯଦି ଏହା କାର୍ଯ୍ୟକାରୀ କରା ନ ଯାଏ, ଆଗାମୀ ବଜେଟ୍ ଅଧିବେଶନ ସମୟରେ ଅହୋରାତ୍ର ଦାବି ହାସଲ ପର୍ଯ୍ୟନ୍ତ ଧାରଣା ଅନୁଷ୍ଠିତ ହେବ।ଏହି ସଭାରେ ଏ.ଆଇ.ଟି.ୟୁ.ସି.ର କେନ୍ଦ୍ରୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜୟନ୍ତ ଦାସ, ମାତିଲଦା କୁଲୁ, ଓମି ଗୁପ୍ତା, ବାସନ୍ତୀ ପ୍ରଧାନ, ରେଣୁବାଳା ସାହୁ, କ୍ରାନ୍ତି ସାମଲ, ମମତା ରାଉତ, ଅନିଲତା ପାତ୍ର, ଗୀତା ପ୍ରଧାନ, ପ୍ରବୀଣ ଦାସ, ରମଣୀ ରଞ୍ଜନ ରାଉତରାୟ, ଗ୍ଲୋରିଆ ମିଞ୍ଜ ପ୍ରମୁଖ ବକ୍ତବ୍ୟ ରଖି ଆଶା କର୍ମୀଙ୍କ ନ୍ୟାୟୋଚିତ ଦାବି ମାନି ନେବାକୁ ଦାବି କରିଥିଲେ।

## ଗୋଟିଏ ଦିନରେ ୧୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୩୦୨୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୨ ହଜାର ୭୦୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୨୧ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୮୬ ଜଣଙ୍କ ମଧ୍ୟରୁ ୧୦୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୧ ଓ ବରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୮ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଓ ଗଜପତି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୭ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ମାର୍ଚ୍ଚରେ ଦ୍ୱାଦଶ ବୋର୍ଡ ପରୀକ୍ଷା !

ଭୁବନେଶ୍ୱର, ୨୦।୧୨(ପି.ଏନ): ମାର୍ଚ୍ଚରେ ଦ୍ୱାଦଶ ବୋର୍ଡ ପରୀକ୍ଷା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ସମ୍ବଳିତ ଚିଠି ଜାରି ହୋଇଛି।

ଏହି ଚିଠି ଅନୁଯାୟୀ, ଆସନ୍ତା ଜାନୁଆରୀ ୧୦ ସୁଦ୍ଧା ତୃତୀୟ ତ୍ରୈମାସିକ ପରୀକ୍ଷା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତ୍ରୈମାସିକ ପରୀକ୍ଷା ସାରି ପିଲାଙ୍କ ମାର୍କ ରେକର୍ଡ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍ ଶୀଘ୍ର ପରିଷଦ ପକ୍ଷରୁ ଏକ ଲିଙ୍କ୍ ପ୍ରଦାନ କରାଯିବ।ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସେହି ଲିଙ୍କରେ ମାର୍କ ଅପ୍‌ଲୋଡ୍ କରିବେ। ପ୍ରତିକୂଳ ପରିସ୍ଥିତିରେ ପରୀକ୍ଷା ହୋଇ ନପାରିଲେ ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ତ୍ରୈମାସିକ ପରୀକ୍ଷା ଆଧାରରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚରେ ହେବାକୁ ଥିବା ଦ୍ୱାଦଶ ବୋର୍ଡ ପରୀକ୍ଷାର ବିସ୍ତୃତ ବିବରଣୀ ସଠିକ୍ ସମୟରେ ସୂଚାଇ ଦିଆଯିବ ବୋଲି ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତା'ର ବିଜ୍ଞପ୍ତିରେ କହିଛି।

## ଜାଡରେ ଥରିବ ଓଡିଶା

ଭୁବନେଶ୍ୱର, ୨୦।୧୨(ପି.ଏନ): ଅସମ୍ଭାଳ ଜାଡରେ ଥରିବ ଓଡିଶା। ଆସନ୍ତା୨ରୁ ୩ ଦିନ ପର୍ଯ୍ୟନ୍ତ ନିସ୍ତାର ନାହିଁ। ଏହି ସମୟରେ ସ୍ୱାଭାବିକ ଠାରୁ ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିପାରେ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ଆସନ୍ତା ୨୪ ଘଂଟା ମଧ୍ୟରେ ତୀବ୍ର ଶୀତ ଲହରୀ ସମ୍ଭାବନା ରହିଥିବାରୁ ୧୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୋନପୁର, ବୌଦ୍ଧ, କନ୍ଧମାଳ, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼ ଏବଂ ସମ୍ବଲପୁର ।ସେହିପରି ୨୨ ତାରିଖ ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ୪ ଟି ଜିଲ୍ଲା ହେଲା ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼ ଏବଂ କନ୍ଧମାଳ। ୧୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୩ ରେ ୧୦ ଜିଲ୍ଲାକୁ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ବାଇକ ଏବଂ ଖୋଲା କାରରେ ରାତିରେ ନ ବୁଲିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଶିଶୁ ଏବଂ ବୟସ୍କ ଙ୍କୁ ବିନା ଶୀତ ବସ୍ତ୍ର ରେ ବାହାରେ ବୁଲିବାକୁ ବାରଣ କରାଯାଇଛି। ରାତି ଓ ପାହାନ୍ତିଆ ସମୟରେ ଘରେ ରହିବା ସହ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର ।ଅପରପକ୍ଷରେ ସୋମବାର ରାଜ୍ୟର ୧୩ଟି ସ୍ଥାନରେ ସର୍ବନିମ୍ନ ରାତ୍ର ତାପମାତ୍ରା ୧୦ ଡିଗ୍ରି ତଳେ ରେକର୍ଡ କରାଯାଇଛି। ଏଣେ ଏବର୍ଷର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିରେ ରେକର୍ଡ ହୋଇଛି। ଏଠାରେ ରାତ୍ର ତାପମାତ୍ରା ୪ ଡିଗ୍ରି ସେଲସିଅସ୍ ଥିଲା। ଦାରିଙ୍ଗବାଡ଼ି ସବୁଠୁ ଥଣ୍ଡା ସହର ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।୧୦ ଡିଗ୍ରି ତଳେ ଥିବା ସହରଗୁଡ଼ିକ ହେଲା, ଦାରିଙ୍ଗବାଡି ୪.୦ ଡିଗ୍ରି ସେଲସିଅସ୍, ଝାରସୁଗୁଡା ୫.୬ ଡିଗ୍ରି ସେଲସିଅସ୍, ଫୁଲବାଣୀ ୬.୫ ଡିଗ୍ରି ସେଲସିଅସ୍, ସୋନପୁର ୬.୯ ଡିଗ୍ରି ସେଲସିଅସ୍ , କେନ୍ଦୁଝର ୭.୪ ଡିଗ୍ରି ସେଲସିଅସ୍, ଟିଟଲାଗଡ଼ ୯.୩ ଡିଗ୍ରି ସେଲସିଅସ୍, ବଲାଙ୍ଗୀର ୮.୦ ଡିଗ୍ରି ସେଲସିଅସ୍, ସମ୍ବଲପୁର ୯.୦ ଡିଗ୍ରି ସେଲସିଅସ୍, ବାରିପଦା ୯.୫ ଡିଗ୍ରି ସେଲସିଅସ୍ ଓ ସୁନ୍ଦରଗଡ଼ ୮.୦ ଡିଗ୍ରି ସେଲସିଅସ୍, ଭବାନୀପାଟଣା ୮.୯ ଡିଗ୍ରି ସେଲସିଅସ୍, ତାଳଚେର ଓ ହୀରାକୁଦ ୯.୦ ଡିଗ୍ରି ସେଲସିଅସ୍ ।ଅପରପକ୍ଷରେ କଟକରେ ୧୨.୪ ଓ ଭୁବନେଶ୍ୱରରେ ୧୩.୮ ଡିଗ୍ରି ସେଲସିଅସ୍ ରାତ୍ର ତାପମାତ୍ରା ରେକର୍ଡ କରାଯାଇଛି।

## ନିୟମ ମାନିଲେ ତୃତୀୟ ଲହର ଆଶଙ୍କାକୁ ଏଡ଼ାଇ ଦେଇପାରିବା : ଡିଏମଇଟି

ଭୁବନେଶ୍ୱର, ୨୦।୧୨(ପି.ଏନ): ବିଦେଶ ଫେରନ୍ତା ସାତ ଜଣଙ୍କ ମଧ୍ୟରୁ ଚାରିଜଣଙ୍କ ଓମିକ୍ରନ ନେଗେଟିଭ ରହିଛି। ତିନି ଜଣଙ୍କ ଜିନମ ସିକ୍ୟୁଏନ୍ସ ପାଇଁ ଯାଇଛି ରିପୋର୍ଟ ଆସିନାହିଁ। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଦେଶରେ ଓମିକ୍ରନ ବହୁ ଜୋରରେ ବ୍ୟାପିଲାଣି। ନଭେମ୍ବରରେ କିଛି ଦେଶ ମଧ୍ୟରେ ସୀମିତ ଥିବା ବେଳେ ଏବେ ଶହେ ପାଖାପାଖି ଛୁଇଁଲାଣି। ଓମିକ୍ରନ କ୍ଷିପ୍ର ବେଗରେ ବଢିଚାଲିଛି ତାକୁ ନଜରରେ ରଖି ଆମକୁ ସଜାଗ ହେବାକୁ ପଡ଼ିବ। ଟିକା ନେବା, କୋଭିଡ ନିୟମ ମାନିବା, ଅଯଥା ଭିଡ଼କୁ ଯିବା ନାହି। ଏତିକି କଲେ କେଶ ଲୋଡ୍ କମ ରହିବ ଓ ଆମେ ନିରାପଦ ରହିବା। ଆମେ ନିୟମ ମାନି ଚଳିଲେ ତୃତୀୟ ଲହର ଆଶଙ୍କାକୁ ଏଡ଼ାଇ ଯାଇପାରିବା। ସେ ଆହୁରି କହିଛନ୍ତି, ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହେଲା। ଏସସିବିର ସୁପରସ୍ପେସାଲିଟି ବିଭାଗର ପାଂଚ ଜଣିଆ ଡାକ୍ତରି ଦଳ ମାଲକାନଗିରି ଯାଇଛନ୍ତି। ଘର ପାଖରେ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଭିତିଭୂମି ସଜାଡ଼ିବା ପାଇଁ ପୁର୍ବରୁ ଟିମ୍ ଯାଇଛନ୍ତି। ପୁର୍ବରୁ ରୋଗୀ ଚିହ୍ନଟ ସରିଛି। ଚେକ ଅପ୍ ସରିଛି। ଏଠାରୁ ବିଶେଷଜ୍ଞ ଗଲେ ଅପରେସନ କରିବେ। ଗୋଟିଏ ଦିନ ଅବଜରଭେସନରେ ରଖିବେ। ତାରେ ପୁର୍ବରୁ ଯାଇଥିବା ଟିମ ନିରୀକ୍ଷଣରେ ରୋଗୀ ଭଲହେବା ପର୍ଯ୍ୟନ୍ତ ସେଠାରେ ରହିବେ। ବର୍ତମାନ ଚାରୋଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଏହି ସୁବିଧା ମିଳିବ। ଏହା ହେଉଛି ସୁପରସ୍ପେସାଲିଟି ସେବା। କେସ୍ ଦେଖିକି ଡାକ୍ତରୀ ଦଳକୁ ପଠାଯିବ। ସିଡିଏମଓ ମାନେ ଜଣାଇବା ପରେ ଡାକ୍ତରୀ ଟିମକୁ ପଠାଯିବ ବୋଲି ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା' ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା' ନାମରେ ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଆଜି ମାଲକାନଗିରିକୁ ଏକ ଡାକ୍ତରୀ ଦଳକୁ ନେଇ ପ୍ରଥମ ବିମାନ ଉଡାଣ ଆରମ୍ଭ ହୋଇଛି।ଏହି ଯୋଜନାରେ ଆଦିବାସୀବହୁଳ ୪ଟି ଜିଲ୍ଲା ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଭିନ୍ନ ମେଡିକାଲ କଲେଜ ଏବଂ କର୍ପୋରେଟ୍ ହସ୍‌ପିଟାଲର ଦକ୍ଷ ଓ ସ୍ୱନାମଧନ୍ୟ ଡାକ୍ତରମାନେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ଏହିସବୁ ଜିଲ୍ଲାର ଚିକିତ୍ସାଳୟକୁ ବିମାନ ଯୋଗେ ଯାଇ ସେଠାରେ ହୃଦରୋଗୀ, ସ୍ନାୟୁରୋଗୀ, କିଡନୀ ଓ ମୂତ୍ରାଶୟ ରୋଗୀଙ୍କ ଭଳି ସୁପର ସ୍ପେସାଲିଟି ସେବା ଆବଶ୍ୟକ କରୁଥିବା ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା କରିବେ । ଏଥିପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ।ଏହି ସେବାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହିତ ଏହାଦ୍ୱାରା ଏହି ୪ଟି ଜିଲ୍ଲାର ଗରିବ ଜନସାଧାରଣ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶାପ୍ରକାଶ କରିଛନ୍ତି।ଏହି କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନ୍ୱ ଦାସ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ମହାପାତ୍ର ମୁଖ୍ୟମନ୍ତ୍ରୀ ଙ୍କ ସଚିବ ଫାଇଭ ଟି ଶ୍ରୀ ଭି କାର୍ତ୍ତିକ ପାଣ୍ଡିଆନ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ସୁବାଷ ନଗର ବସ୍ତି ଉଚ୍ଛେଦ ବିରୋଧରେ ଆନ୍ଦୋଳନ ୧୩ ଦିନରେ ପଂହଚିଲା




ଭୁବନେଶ୍ୱର,୨୦।୧୨(ପି.ଏନ): ଆଜିକୁ ୧୩ ଦିନ ହେବ ଏକାମ୍ର ନିର୍ବାଚନ ମଣ୍ଡଳୀ ଅ'ର୍ଗତ ୱାର୍ଡ ନଂ–୬୫ ଡୁମୁଡୁମା ହାଉସିଂବୋର୍ଡ ଫେଜ–୧, ସୁବାଷବୋଷ ନଗର ବସ୍ତି ବାସିନ୍ଦାମାନେ ରାଜ୍ୟ ସରକାର ଦ୍ୱାରା ବେଆଇନ ବସ୍ତି ଉଚ୍ଛେଦକୁ ବିରୋଧ କରି ଦିବାରାତ୍ର ଧାରଣାରେ ବସିଛଁ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଅନୁରୋଧକ୍ରମେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗୀତାଳି ମହାଁ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କୁ ସଂଗରେ ଧରି ଆନ୍ଦୋଳନ ଶୀବିରରେ ପଂହଚିଥିଲେ। ୧୩ଦିନ ଧରି ଆନ୍ଦୋଳନକାରୀ ଶୀତକାକରେ ପଡ଼ି ଆନ୍ଦୋଳନ ଜାରି ରଖିଥିବାରୁ ଶ୍ରୀମତୀ ପରିଡ଼ା ପ୍ରଥମେ ଆନ୍ଦୋକାରୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଭାଷଣ ଆରମ୍ଭ କରିଥିଲେ। ୩୦ ବର୍ଷ ଧରି ଏ ବସ୍ତିର ବାସିନ୍ଦାମାନେ ଏଠାରେ ରହି ଆସୁଥିବା ସହ ବିଏମସି ଓ ନଗର ଉନ୍ନୟନ ଦ୍ୱାରା ଘୋଷିତ ହୋଇଥିବା ସ୍ଥାୟୀ ବସ୍ତି ତାଲିକାରେ ସ୍ଥାନ ପାଇଛି। ଏବେ ପ୍ରଶ୍ନ ଉଠୁଛି ଉଚ୍ଛେଦର କାରଣ କ'ଣ। ପ୍ରଥମେ ଏହା ଆଇନଗତ ଦୃଷ୍ଟିରୁ ଅନ୍ୟାୟ। ମାନବିକତା ଦୃଷ୍ଟିକୋଣରୁ ମହାପାପ। ଆପଣଙ୍କର ଏହି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ସରକାରଙ୍କ ବିରୋଧରେ ଲଢ଼େଇ କରିବାକୁ ପ୍ରସ୍ତୁତ ଅଛି। ଏକାମ୍ର ବିଧାୟକା ପ୍ରାର୍ଥୀନୀ ଶ୍ରୀମତୀ ରଶ୍ମି ମହାପାତ୍ର କହିଲେ ଏ ଆନ୍ଦୋଳନ କେବଳ ଏ ବସ୍ତିରେ ଥିବା ବସ୍ତି ବାସିନ୍ଦାଙ୍କର ନୁହଁ ଏହା ଗରିବ ଲୋକଙ୍କ ପାଇଁ କଂଗ୍ରେସର ଆନ୍ଦୋଳନ। କଂଗ୍ରେସ ଏ ଆନ୍ଦୋଳନକୁ ନିସ୍ୱାର୍ଥପର ଭାବରେ ସମର୍ଥନ ଜଣାଇଛି। ଏହାର କାରଣ ଗରିବର ଦୁଃଖକୁ କଂଗ୍ରେସ ସବୁବେଳେ ବୁଝିଥାଏ। ଭୁବନେଶ୍ୱର ଉତର ନିର୍ବାଚନ ମଣ୍ଡଳୀର ଦାୟୀତ୍ୱରେ ଥିବା ବ୍ଲକ ସଭାପତି ଶ୍ରୀ ଅଶୋକ ଦାସ କହିଲେ ଭୁବନେଶ୍ୱରରେ ଯାହାକିଛି ପଟ୍ଟା ଦେଇଛି ବସ୍ତିବାସିନ୍ଦାଙ୍କୁ ତାହା କଂଗ୍ରେସ ସରକାର ସମୟରେ ଦିଆଯାଇଛି। ଦୀର୍ଘ ୨୧ ବର୍ଷ ହେଲା ଶାସନରେ ଥିବା ନବୀନ ପଟ୍ଟନାୟକ ଇଂଚେ ଯାଗାବି ଦେଇ ନାହିଁ କିଁ ଏ ବସ୍ତିକି ଲାଗିକି ଥିବା ତାଙ୍କ ଭାଇ ପ୍ରେମ ପଟ୍ଟନାୟକଙ୍କ ଉଚ୍ଚ ତାରକା ହୋଟେଲର ସୌନ୍ଦର୍ଯ୍ୟ ପାଇଁ ଉଚ୍ଛେଦ କରାଯାଉଛି। ଏଣୁ ଏହାକୁ ବରଦାସ୍ତ କରାଯିବ ନାହିଁ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବ୍ଲକ ସଭାପତି ସେକ୍‌ଅବତାବ ଅଲ୍ଲୀ, ପୁରୀ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ, ନିରୁପମା ପାତ୍ର ମହିଳା କଂଗ୍ରେସ ଉପସଭାପତି କୁସୁମ ପ୍ରଧାନ, ପ୍ରଭାବତି ପଟ୍ଟନାୟକ, ଚୈତାଳି ପଟ୍ଟନାୟକ, ନିରୁପମା ଦାସ, ନିଆଜୁଲ ଇସ୍‌ଲାମ, ଶିବନ ମୁସରଫ, ଦୀପକ ମହାପାତ୍ର, ସେକ ତାକୱିମ, ରବିନ୍ଦ୍ର ନାୟକ, ପୁଷ୍କର ସୁବୁଦ୍ଧି, ବିକ୍ରମ ସୁନ୍ଦରରାୟ, ପ୍ରଭାତୀ ତ୍ରିପାଠୀ, ପ୍ରଭାସିନୀ ସାହୁ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

## ଚାଷୀମାନଙ୍କ ସୁବିଧାପାଇଁ ଅଧିକ ସଂଖ୍ୟକ ସଂସ୍ଥାଙ୍କ ମାଧ୍ୟମରେ ଧାନ କିଣିବାକୁ ପରାମର୍ଶ

ଭୁବନେଶ୍ୱର, ୨୦।୧୨(ପି.ଏନ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀମାନଙ୍କ ସୁବିଧା ନିମନ୍ତେ ଅଧିକରୁ ଅଧିକ ସଂଖ୍ୟକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଆରଏମ୍.ସି. ଏବଂ କୃଷିବିପଣୀ ସଂସ୍ଥାମାନଙ୍କୁ ନିୟୋଜିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲ୍ଲାପାଳ, ଜିଲ୍ଲାଯୋଗାଣ ଅଧିକାରୀ, ଏବଂ ସମବାୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସୋମବାର ଭିଡ଼ିଓ କନଫେରେନ୍ସିଂ ମାଧ୍ୟମରେ ଜିଲ୍ଲାମାନଙ୍କରେ ଧାନକିଣା ସ୍ଥିତି ସମୀକ୍ଷାକରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ଧାନବିକ୍ରୀ କରିବା ପାଇଁ ଚାଷୀ ଯେମିତି ଅସୁବିଧାର ସମ୍ମୁଖୀନ ନହୁଏ ତା'ଉପରେ ଦୃଷ୍ଟି ରଖିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଓସ୍ୱାନ ପ୍ଲାଟଫର୍ମ ମାଧ୍ୟମରେ ଅନୁଷ୍ଠିତ ଏହି ଭିଡିଓ କନ୍‌–ଫେରେନ୍ସିଂରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ବିଭିନ୍ନ ଜିଲ୍ଲାରେ ଧାନସଂଗ୍ରହ ସମ୍ବନ୍ଧିତ ବୈଷୟିକ ଏବଂ ପ୍ରଶାସନିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ସମୀକ୍ଷାରୁ ଜଣାପଡ଼ିଥିଲାଯେ ସାଧାରଣତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଜିଲ୍ଲାମାନଙ୍କରେ ନଭେମ୍ବର–ଡିସେମ୍ବର ରୁ ଜାନୁଆରୀ–ଫେବୃଆରୀ ପର୍ଯ୍ୟନ୍ତ, ଏବଂ ଉପକୂଳ ଜିଲ୍ଲାମାନଙ୍କରେ ଡିସେମ୍ବର–ଜାନୁଆରୀ ରୁ ମାର୍ଚ୍ଚ–ଏପ୍ରିଲ୍ ପର୍ଯ୍ୟନ୍ତ ଧାନକିଣା ହୋଇଥାଏ । ସେହି ଅନୁସାରେ ବର୍ତମାନ ବରଗଡ଼, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା ଆଦି ଜିଲ୍ଲାରେ ଧାନକିଣା ଅବ୍ୟାହତ ରହିଛି । ଅନ୍ୟାନ୍ୟ ଜିଲ୍ଲାରେ ଧାନକିଣା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କୋରାପୁଟ, ମାଲକାନାଗିରି, ବାଲେଶ୍ୱର, ବୌଦ୍ଧ ଆଦି ଜିଲ୍ଲାରେ ମଧ୍ୟ ବିଭିନ୍ନ ମଣ୍ଡିରେ ଧାନକିଣା ଚାଲିଛି । ବର୍ତମାନ ସୁଦ୍ଧା ପ୍ରାୟ ୯୮ ହଜାର ଚାଷୀଙ୍କଠାରୁ ୫.୧୩ ଲକ୍ଷ ମାଟ୍ରିକ୍ ଟନ୍ ଧାନ ସଂଗ୍ରହ ସରିଛି । ବିଭିନ୍ନ ମଣ୍ଡିମାନଙ୍କରେ ଅଧିକ ସଂଖ୍ୟାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଆରଏମ୍.ସି. କର୍ମଚାରୀ, ଯୋଗାଣ ସହାୟକ, କୃଷି ବିଭାଗ ଅଧିକାରୀ, ସମବାୟ ବିଭାଗ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗରୁ ଡାଟା ଏଂଟ୍ରି ଅପରେଟର ଆଦିଙ୍କୁ ମୁତୟନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟବସ୍ଥାକୁ ଚାଷୀମାନଙ୍କ ନିମନ୍ତେ ଅଧିକ ସୁଗମ କରିବା ପାଇଁ ଜିଲ୍ଲାପାଳମାନେ ଜିଲ୍ଲାସ୍ତରରେ କାର୍ଯ୍ୟକରୁଥିବା ସଂସ୍ଥା ଓ ବିଭାଗମାନଙ୍କୁ ମଧ୍ୟ ମୁତୟନ କରିପାରିବେ । ପ୍ରମୁଖ ଶାସନ ସଚିବ ଶ୍ରୀ ଯାଦବ କହିଥିଲେ ଯେ ଧାନକିଣା ପି–ପାସ୍ ନାମକ ଅନଲାଇନ୍ ବ୍ୟବସ୍ଥା ମାଧ୍ୟମରେ କରାଯାଇଛି । ଏହା ଏକ ସ୍ୱୟଂକ୍ରିୟ ଓ ସରଳ ବ୍ୟବସ୍ଥା । ଏଥିରେ ଦୈନିକ ଧାନକିଣା ତଥ୍ୟ ଅପ୍ଲୋଡ୍ ହୁଏ ଏବଂ ସେହି ତଥ୍ୟ ଭିତିରେ ଚାଷୀମାନଙ୍କୁ ଧାନର ମୂଲ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଂଟ୍ ମାଧ୍ୟମରେ ସିଧା ସଳଖ ପଠାଇ ଦିଆଯାଏ। ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରକ୍ରିୟା ବିଷୟରେ ତୁରନ୍ତ ଅନଲାଇନ୍ ତାଲିମ୍ ଦିଆଯିବ। ଜିଲ୍ଲାସ୍ତରରେ ଥିବା ସମବାୟ ବିଭାଗ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ମଧ୍ୟ ଏଥିରେ ସକ୍ରିୟଭାବେ ସାମିଲ୍ ହେବେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରାଜେନ୍ଦ୍ର ମିଶ୍ର ବୈଠକରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ଧାନକିଣା ପ୍ରସ୍ତୁତି ଓ ଅଗ୍ରଗତି ବିଷୟ ଜଣାଇଥିଲେ । ଆବଶ୍ୟକତା ଅନୁସାରେ ଜିଲ୍ଲାମାନଙ୍କୁ ସମସ୍ତ ପ୍ରକାର ବୈଷୟିକ ଓ ପ୍ରଶାସନିକ ସହାୟତା ଯୋଗାଇ ଦିଆଯିବବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ଯାଦବ ଜଣାଇଥିଲେ ।

## ଭୁବନେଶ୍ୱରରୁ ଆଉ ୮୦ ପଜିଟିଭ୍

ଭୁବନେଶ୍ୱର, ୨୦।୧୨(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଆଉ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୬୨ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୬୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୨୯୫୬କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୦୮୨୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୦୯୪ ରେ ପହଂଚିଛି। ବର୍ତମାନ ଆଉ ୧୦୧୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୨୧

## ଏକ ଦୁଃଖଦ ମୁହୂର୍ତ୍ତରୁ...
## ଚିକିତ୍ସା ବିଜ୍ଞାନରେ ଇମ୍ୟୁନିଟି ଓ ଆମ ସ୍ୱାସ୍ଥ୍ୟାବସ୍ଥା !



ଯେକୌଣସି ରୋଗ ହେଲେ ଡାକ୍ତର ଅତ୍ୟଧିକ ଧ୍ୟାନ ଦେଇଥା'ନ୍ତି ରୋଗୀର ଇମ୍ୟୁନିଟି (ରୋଗ ପ୍ରତିରୋଧକ ଶକ୍ତି) ଉପରେ । ବିଶେଷକରି ବର୍ତ୍ତମାନର କରୋନା ମହାମାରୀ ସମୟରେ ମଣିଷର ଇମ୍ୟୁନିଟି ଉପରେ ଚର୍ଚ୍ଚା ସମସ୍ତଙ୍କୁ ଗୋଚର । ସବୁଠାରୁ କୌତୂହଳପୂର୍ଣ୍ଣ କଥା ହେଉଛି ସେହି ଇମ୍ୟୁନିଟି (ରୋଗ ପ୍ରତିରୋଧକ ଶକ୍ତି) ଏକ ଭଗବାନ ସଦୃଶ୍ୟ କଥା । କାରଣ ଭଗବାନଙ୍କୁ ଯେମିତି ଦେଖି, ଛୁଇଁ ହୁଏନାହିଁ କିମ୍ବା ତା' ଶକ୍ତିର କୌଣସି ପରିମାପକ ନାହିଁ, ଠିକ ସେହିଭଳି ଇମ୍ୟୁନିଟିର କୌଣସି ପରିମାପକ ବ୍ୟବସ୍ଥା ବିଜ୍ଞାନରେ ନାହିଁ କିମ୍ବା ତାକୁ ଗବେଷଣାଗାରରେ ନେଇ ପରୀକ୍ଷା ନିରୀକ୍ଷା କରିବା ବ୍ୟବସ୍ଥା ନାହିଁ । ତେଣୁ ଧାର୍ମିକ ଯେମିତି ଶେଷ ପରିଣତିରେ ସବୁ ଭଗବାନଙ୍କ ଉପରେ ଛାଡିଦେଇଥାଏ, ଚିକିତ୍ସା ବିଜ୍ଞାନ ମଧ୍ୟ ଅନୁରୂପ ବ୍ୟବସ୍ଥା ରଖିଛି ସେସବୁ ସେହି ଅଦୃଶ୍ୟ, ଅସ୍ପୃଶ୍ୟ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ବ୍ୟବସ୍ଥା ଉପରେ ଛାଡ଼ିଦେଇ ନିଜର ସୀମିତ ବଟିକା ମାଧ୍ୟମରେ ଚିକିତ୍ସା କରିବା ପାଇଁ । ଇତିମଧ୍ୟରେ ଚିକିତ୍ସା ବିଜ୍ଞାନର ବ୍ୟାପକ ପ୍ରଚାର ହେତୁ ସେହି ଅପରିମାପକ, ଅଦୃଶ୍ୟ, ଅସ୍ପୃଶ୍ୟ କଥାଟି ସାଧାରଣ ଲୋକଙ୍କ ମନକୁ ବେଶ ଭଲଭାବେ ପ୍ରଭାବିତ କରିପାରିଥିବା କେହି ଅସ୍ୱୀକାର କରିପାରିବେ ନାହିଁ ବର୍ତ୍ତମାନର ସମୟରେ । ତେଣୁ ସେହି ଭଗବାନ ସଦୃଶ୍ୟ ବିଷୟ ଉପରେ ବିଭିନ୍ନ ଧର୍ମପ୍ରଚାରକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଅନେକ ମଣିଷ ମାନସିକ ଗବେଷଣା ଆରମ୍ଭ କରି ବିଭିନ୍ନ ଉପାୟଗୁଡ଼ିଏ ପ୍ରଚାର, ପ୍ରସାର ଆରମ୍ଭ କରିଦେଲେ । ସମୟସ୍ରୋତରେ ସାଧାରଣ ଲୋକେ ସେମାନଙ୍କ ପ୍ରହେଳିକାରେ ନିମଗ୍ନ ବିଭୋର, ବିଭିନ୍ନ କାଠି, କୁଟା, ଛାଲି, ଫଳ, ପୁଷ୍ପ, ପତ୍ର ସହିତ ମଧୁ, ମନ୍ଦାକିନୀ, ଘୃତାଦି ଉପକରଣ ଯୋଗାଡ଼ କରି ବିଭିନ୍ନ ଉପାୟରେ ସେଗୁଡ଼ିକୁ ବ୍ୟବହାରରେ ଲାଗିପଡ଼ିଲେ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇ କରୋନା ସହିତ ମୁକାବିଲା କରିବା ପାଇଁ! ଏହା ଆମ ସମସ୍ତଙ୍କର ବର୍ତ୍ତମାନ ପରିସ୍ଥିତରେ ଅଭିଜ୍ଞତା ଅଛି, ଯାହାର ଆଉ ଅଧିକ କିଛି ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ ।

ବଡ଼ ଆଶ୍ଚର୍ଯ୍ୟ ଲାଗେ ଭାବିଲେ ଯେ ସତେ ଯେମିତି ଇମ୍ୟୁନିଟି ସହିତ ଲୋକଙ୍କ ଏତେ ପରିଚିତ ଜ୍ଞାନ ଅଛି ଏବଂ ତାକୁ କରାୟତ କରିବା ଏକ ହାତପାଆନ୍ତା ବିଷୟ ଭଳି ଅନୁଭବ ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତଙ୍କ ମନରେ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି, ଯେମିତି ଆମେ ସମସ୍ତେ ଭଗବାନଙ୍କ ସହିତ ସାକ୍ଷାତ କରିଥାଉ ନିତ୍ୟ ସକାଳ, ସନ୍ଧ୍ୟାରେ! ଚର୍ଚ୍ଚା, ପ୍ରଚାର ସହିତ ବିଭିନ୍ନ ବିତରିତ ଜ୍ଞାନ ଉପରେ ଆଧାର କରି କହିବାକୁ ଗଲେ ପ୍ରାୟତଃ ସବୁ ଲୋକଙ୍କ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତିକୁ କରାୟତ କରି କରୋନା ସହିତ ମୁକାବିଲା କରିବା କ୍ଷମତା ବୃଦ୍ଧି ପାଇଥିବା ସମସ୍ତଙ୍କ ମନରେ ଦୃଢ଼ତା ବାନ୍ଧିଥିବା ଅନୁଭବ ସମସ୍ତେ ନିଶ୍ଚୟ କରୁଥିବେ । ହେଲେ ସେହି ରୋଗ ପ୍ରତିରୋଧକ ଶକ୍ତି ଇମ୍ୟୁନିଟି ଉପରେ ଚର୍ଚ୍ଚିତ ବର୍ତ୍ତମାନର ବିଷୟଗୁଡିକ କେତେଦୂର ସତ୍ୟ ସମୀକ୍ଷା ନକରି ନିର୍ଦ୍ଦ୍ୱନ୍ଦ୍ୱରେ ଗ୍ରହଣ କରାଯିବା କେତେଦୂର ଯୁକ୍ତିଯୁକ୍ତ ବିଚାରଯୋଗ୍ୟ ନିଶ୍ଚିତ ।

କୌଣସି ପରୀକ୍ଷା, ସମୀକ୍ଷା ନକରି ଯିଏ ଯାହା କହିଲା, ଲେଖିଲା ସେଗୁଡିକ ଉପରେ ଅନ୍ଧ ଭଳି ବିଶ୍ୱାସ କରି ପ୍ରତ୍ୟକ୍ଷ/ପରୋକ୍ଷରେ ପ୍ରତାରିତ ହେଉଥିବା ସାଧାରଣ ଲୋକଙ୍କ ସଂଖ୍ୟା ୯୯ରୁ ଅଧିକ ଦେଖିବାକୁ ମିଳିବେ ଆମ ଦେଶରେ । ସେହି ନିର୍ବୋଧ, ଅଜ୍ଞାନଙ୍କୁ ଉପଯୁକ୍ତ ମାର୍ଗଦର୍ଶୀ କୌଣସି ବ୍ୟବସ୍ଥା ଆମ ଦେଶରେ ନଥିବା ଅତ୍ୟନ୍ତ ମର୍ମସ୍ପର୍ଶୀ! ତେଣୁ କେବଳ ଖବର, ପ୍ରଚାର ଉପରେ ଆଧାର କରି ଜ୍ଞାନବର୍ଦ୍ଧିଷ୍ଣୁ ପ୍ରସାରତା ଏବଂ ଗ୍ରହଣୀୟତା ଯଥେଷ୍ଟ ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ । ହେଲେ ଆମ ଭଳି କେତେକ ଅଜ୍ଞାନଙ୍କ ଏହିସବୁ ବିଷୟଗୁଡିକ ଉପରେ ଯଥେଷ୍ଟ ଜ୍ଞାନ ନଥିଲେ ମଧ୍ୟ କୌଣସି ବିଷୟର ଯୁକ୍ତିଯୁକ୍ତତାକୁ ଅନୁଧ୍ୟାନ ନକରି ସହଜରେ ଗ୍ରହଣ କରି ନ ଥାଉ ଆମେ । ଅଧିକନ୍ତୁ ଟିକେ ଆଡ଼ନୟନ ବକ୍ର ଦୃଷ୍ଟିରେ ଦେଖି କେତେକ ଯୌକ୍ତିକ ବିଚାର ସୃଷ୍ଟି ହୁଏ ମନରେ...

କୃଷି କ୍ଷେତ୍ରରେ ଫସଲର ଉତ୍ପାଦକତା, ରକ୍ଷଣାବେକ୍ଷଣ, ସଂରକ୍ଷଣ ଏବଂ ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାଠାରୁ ଆରମ୍ଭ କରି ବଜାରରେ ଉପଲବ୍ଧ ସମସ୍ତ ପୁଡିଆ/ବୋତଲର ଖାଦ୍ୟ ପାନୀୟଗୁଡିକରେ ଯେଉଁସବୁ ରାସାୟନିକ ବ୍ୟବହାର ହେଉଛି ସେଗୁଡିକ ମଣିଷର ଇମ୍ୟୁନିଟି (ରୋଗ ପ୍ରତିରୋଧକ ଶକ୍ତି)କୁ ସତେଜ କରୁଛି କି ଦୁର୍ବଳ, ତାହାର କୌଣସି ପ୍ରଚାର, ପ୍ରସାର ବ୍ୟାପକ ହେଉ ନ ଥିବା ବ୍ୟପାରୀଙ୍କ ଷଡ଼ଯନ୍ତ୍ର ନା ବ୍ୟବସ୍ଥାର ଦୁର୍ବଳତା ବିଚାରଯୋଗ୍ୟ ନିଶ୍ଚୟ! ବିଭିନ୍ନ ଉପାୟରେ ପ୍ରକୃତିର ମାଟି, ଜଳ, ବାୟୁକୁ ପ୍ରଦୂଷଣ କରୁଥିବା ସଂସ୍ଥାନଗୁଡିକ କେତେ ଜନହିତକର କାର୍ଯ୍ୟ କରିଥା'ନ୍ତି ଏବଂ ସେଗୁଡିକ ଦ୍ୱାରା ମଣିଷ ସମାଜର କେତେ ଲାଭ ହୋଇଥାଏ ଏବଂ ତଜ୍ଜନିତ ଲୋକଙ୍କର ଇମ୍ୟୁନିଟି (ରୋଗ ପ୍ରତିରୋଧକ ଶକ୍ତି) ବୃଦ୍ଧି ପାଉଛି କି କ୍ଷୀଣ ହେଉଛି, ତାହାରି ଉପରେ କୌଣସି ପ୍ରଚାର, ପ୍ରସାର ବ୍ୟାପକ ହେଉନଥିବା ସମ୍ପୃକ୍ତ ବ୍ୟବସାୟୀଙ୍କ ଷଡ଼ଯନ୍ତ୍ର ନା ବ୍ୟବସ୍ଥାର ଦୁର୍ବଳତା? ଆଉ ଏହିସବୁ ଯାହା କଲେ ମଧ୍ୟ କିଛି ରାସାୟନିକ ବଟିକା ହେଉ କି କାଠି, କୁଟା ସିଝା ପାଣି ପିଇ ମଣିଷ କ'ଣ ସତରେ ନିଜର ଇମ୍ୟୁନିଟି (ରୋଗ ପ୍ରତିରୋଧକ ଶକ୍ତି) ବୃଦ୍ଧି କରିପାରିବ? ଏମିତି ଅନେକ ପ୍ରଶ୍ନବାଚୀ ମନରେ ସୃଷ୍ଟି ହେଉଥିବା ଏହି ଅଧମ, ଅଜ୍ଞାନର ଉତ୍ତର ବିହୀନ ଏକ ଦୁଃଖଦ ଭାବନାରୁ ନିର୍ଗତ ଗୋଟିଏ ଉଦାହରଣ ଆପଣଙ୍କୁ କିଛି ବିଚାରଶୀଳ ମନ୍ତବ୍ୟ ଦେଇପାରିବ ବୋଲି ଆଶା କରି କହିବା କଥା ଏହା ଯେ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଅନେକ ଜିନିଷଗୁଡିକ ମଧ୍ୟରୁ ଗୋଟିଏ ଦୁଇଟିକୁ ଅନୁଧ୍ୟାନ କରି କିଛି ଶିଖିବା କଥା ଯେ ସଂସାର ଚାଲିଛି କେମିତି?! ନହେଲେ ନିଜେ ମଲେହିଁ ସ୍ୱର୍ଗ ଦେଖିବା ଛଡା କେହି ପିଠିରେ ପଡିବେ ନାହିଁ ।

ସତ୍ୟକୁ ଅସତ୍ୟ, ଅସତ୍ୟକୁ ସତ୍ୟ ଭଳି ଗ୍ରହଣ, ଅନୁଭବ କରିବା ଆମର ସହଜାତ ପ୍ରକୃତି । ମଦର ଔଷଧୀୟ ଗୁଣ ଚା'ଠାରୁ ଅଧିକ ରହିଥିବା ବେଳେ ଚା' ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ ହେଉଥିବା ଜାଣନ୍ତି ନାହିଁ ସାଧାରଣ ଲୋକେ । କିନ୍ତୁ ମଦକୁ ଲୁଚାଇ ପିଇବା ବେଳେ ଚା' ଫେସନ ଭଳି ବ୍ୟବହାର କରାଯାଇଥାଏ ଆମ ଦେଶରେ । ବଜାରରେ ଉପଲବ୍ଧ ମଦର ପ୍ରସ୍ତୁତି ପ୍ରଣାଳୀ, ରାସାୟନିକ ତତ୍ତ୍ୱ ଏବଂ ବିକ୍ରି ଉପରେ ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଥିବା ବେଳେ ଭେଜାଲ ମଦ ବିଷୟରେ ଖବର ସବୁଦିନେ ଦେଖିବାକୁ ମିଳୁଛି ଯାହାସବୁ ସ୍ୱାସ୍ଥ୍ୟ ପକ୍ଷେ ବ୍ୟାପକ କ୍ଷତିକାରକ । କିନ୍ତୁ ରାସ୍ତା କଡରେ, ଗଳି କନ୍ଦିରେ ସବୁ ସ୍ଥାନରେ ଉପଲବ୍ଧ ସହ ସହ ଚା' ଦୋକାନ, ଯେଉଁଠି ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ଜମିଥାଏ ସକାଳୁ ରାତି ପର୍ଯ୍ୟନ୍ତ ଚା', କଫି ପିଇବା ପାଇଁ ସେଇଥିରେ କ'ଣ ସବୁ ସ୍ୱଚ୍ଛ?! କେବେ କୌଣସି ଚା' ଦୋକାନ ଉପରେ ଚଢ଼ାଉ କରାଯିବା ଖବର ମୁଁ ଦେଖିନାହିଁ । ରାସ୍ତା କଡରେ ମିଳୁଥିବା ଚା'ରେ ବ୍ୟବହୃତ କ୍ଷୀର ଏବଂ ସେଇଥିରେ ପଡୁଥିବା ଚା' ପତିର ମାନ ନିର୍ଦ୍ଧାରଣ ସହିତ ସେଗୁଡିକର ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ସଚେତନତା କେଉଁଠି ହେଲେ ଦେଖିବାକୁ ମିଳୁନାହିଁ । ଏମିତି ପ୍ରାୟ ସବୁ ଖାଦ୍ୟ ପାନୀୟଗୁଡିକ ଆମ ଶରୀର ଉପରେ କି ପ୍ରଭାବ ପକାଉଛନ୍ତି ଏବଂ ସେଗୁଡିକ ଆମ ରୋଗ ପ୍ରତିରୋଧକ ଶକ୍ତିକୁ କ'ଣ କରୁଛି ତାହାରି ଉପରେ ଖବର, ସଚେତନତା କେବେ ଦେଖିବାକୁ ମିଳୁ ନ ଥିବା ବେଳେ ଏହି କାଠିକୁଟା ସିଝା ପାଣି କେତେଦୂର ଆମର ଇମ୍ୟୁନିଟି (ରୋଗ ପ୍ରତିରୋଧକ ଶକ୍ତି) ବୃଦ୍ଧି କରିବାରେ ସହାୟକ ହୋଇଥାଏ/ହୋଇପାରିବ ସେସବୁ ସଠିକ ଭାବେ ତର୍ଜମା ନକରି ଗ୍ରହଣ କରାଯିବା କେତେଦୂର ଯୁକ୍ତିଯୁକ୍ତ ବିଚାର ଆପଣ ମାନଙ୍କର...!

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

# ହାଡ଼ର ହିଡ଼ରେ ରକ୍ତର ସିଆର କାଟି ବାଂଲାଦେଶର ଜନ୍ମ

**ମାୟାଧର ନାୟକ**



୧୯୭୧ ମସିହା ଡିସେମ୍ବର ୨୧ ତାରିଖରେ ଓଡିଶାରୁ ଏହି ଲେଖକ ଜଣେ ସାମ୍ବାଦିକ ଭାବରେ ବଂଗଳାଦେଶକୁ ଯାଇଥିଲେ । ସେଦିନ ମୋ ଦୃଷ୍ଟିରେ ବିକଳ ଭଗ୍ନସ୍ତୂପ ଓ ଭଗ୍ନାବଶେଷ ମଧ୍ୟରୁ ମୁଣ୍ଡ ଟେକିଥିବା ଏସିଆର ସେହି ନୂତନ ରାଷ୍ଟ୍ର ଯେଉଁ ରୂପରେ ପ୍ରତିଭାତ ହୋଇଥିଲା, ଭସ୍ମର ଭୂମିକା, ପାଉଁଶର ପାଦଟୀକା ଭାବେ ଏକ ସାମାନ୍ୟ କଥନ । ଯୁଦ୍ଧ ନୁହେଁ : ଶାନ୍ତି ଚାହୁଁ! ବିଶ୍ୱର ପ୍ରତ୍ୟେକ ମାନବର କାମ୍ୟ । ଶାନ୍ତି ପାଇଁ ଯୁଦ୍ଧ ଅନିବାର୍ଯ୍ୟ ହୋଇପଡେ ।

ହାଡର ହିଡରେ ରକ୍ତର ସିଆର କାଟି ବାଂଲାଦେଶର ଜନ୍ମ, ନିଆଁର ବହ୍ନି - ଧୂଆଁର ଦଲୀଲରୁ ଯାହା ଦର୍ଶାଯାଏ – ବାଂଲାଦେଶ ମୁକ୍ତି ସଂଗ୍ରାମରେ ଯୁବକଛାତ୍ରମାନେ ଅତ୍ୟନ୍ତ ଭାବପ୍ରବଣ ହୋଇ ରକ୍ତନଦୀର ଉପତ୍ୟକାରେ ବିଚରଣ କରି ଆତ୍ମ ବଳିଦାନ କରିଛନ୍ତି ଯାହା ହୁଏ ତ ସେ ଦେଶର ଇତିହାସରେ ଅମର କାହାଣୀ ଭାବେ ବର୍ଣ୍ଣନା ହୋଇ ନପାରେ । କିନ୍ତୁ ସେମାନଙ୍କ ଜୀବନଦାନ ବ୍ୟର୍ଥ ହୋଇନି, ରକ୍ତାକ୍ତ ରୂପସୀ ବାଂଲା ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି ।

୧୯୭୧ ମସିହା ୨୫ ମାର୍ଚ୍ଚ ପୂର୍ବରୁ ପାକିସ୍ତାନର ସୁଶୃଙ୍ଖଳିତ ସୈନ୍ୟବାହିନୀ ସେହି ଦେଶରେ ନିରୀହ ଜନଗଣଙ୍କ ଉପରେ ଅତ୍ୟାଚାର କରିପାରେ ଏ କଥା ବିଶ୍ୱାସ ନକଲେ ମଧ୍ୟ ପ୍ରମାଣିତ ହୋଇଥିଲା । ପାକିସ୍ତାନ ସୈନ୍ୟବାହିନୀ କେବଳ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରୁଥିଲେ ଏହା ନୁହେଁ ସୁଧର୍ମୀ ମୁସଲମାନ ମାନଙ୍କ ଉପରେ ମଧ୍ୟ ହତ୍ୟାର ତାଣ୍ଡବଲୀଳା ସୃଷ୍ଟି କରୁଥିଲେ ।

ସ୍ୱାର୍ଥ ଓ କ୍ଷମତା ଦଖଲ ପାଇଁ ଧର୍ମକୁ ବ୍ୟବହାର କରିବା ଇତିହାସରେ ବାରମ୍ବାର ଦେଖାଦେଇଛି । ଦେଖାଯାଏ କେତେକ ହିନ୍ଦୁ ମୁସଲମାନମାନଙ୍କୁ ଶଇତାନ ବୋଲି ଆଖ୍ୟା ଦେଇ ସାମ୍ପ୍ରଦାୟିକ ବିଷମଞ୍ଜି ବୁଣି ସାମାଜିକ ବିଭୀଷିକା ସୃଷ୍ଟି କରନ୍ତି । ହିନ୍ଦୁମାନେ ମଧ୍ୟ ହିନ୍ଦୁଙ୍କୁ ପ୍ରବଳ ଶୋଷଣ କରନ୍ତି ।

ଜାତି ଅଜାତି ପ୍ରଶ୍ନ ନେଇ ହିନ୍ଦୁହିନ୍ଦୁ ମଧ୍ୟରେ ହଜାର ହଜାର ବର୍ଷ ଧରି ବିଭେଦ ସୃଷ୍ଟି କରି ହିନ୍ଦୁମାନେ ହିନ୍ଦୁଙ୍କୁ ଶୋଷଣ କରିଚାଲିଛନ୍ତି । ମୁସଲମାନ ମାନେ ମଧ୍ୟ ଜାତିଭେଦ ସୃଷ୍ଟି କରି ସିଆ-ସୁନି ଅହମଦିୟ ସୃଷ୍ଟି କରି ସେହି ମୁସଲମାନ ମାନଙ୍କୁ ମଧ୍ୟ ଶୋଷଣ ଅତ୍ୟାଚାର କରନ୍ତି ।

ଅଧ୍ୟାବଧି ଧର୍ମ ଓ ଜାତିକୁ ନେଇ ବିଭିନ୍ନ ଦେଶର ପ୍ରଗତିରେ ପ୍ରଚଣ୍ଡ ବାଧା ସୃଷ୍ଟି କରିଛି । ବାସ୍ତବରେ ସାରା ବିଶ୍ୱରେ ଇତିହାସର ଅମୋଘନିୟମରେ ଦୁଇଟି ଜାତି ଦୁଇଟି ଶ୍ରେଣୀ ଅଛନ୍ତି ଧନୀଗରିବ ଜାତି, ଶ୍ରମିକ ଶ୍ରେଣୀ ଓ ପୁଂଜିପତି ଶ୍ରେଣୀ । ଯୁଗ ଯୁଗ ଧରି ଜାତିଗତ ସଂଘର୍ଷ ଚାଲିଛି । କେବଳ ବଂଧୁକମୂନରେ ଧର୍ମ ଓ ଜାତିଗତ ବିଭେଦ ସଂଘର୍ଷ ଏଡାଇ ଦେଇ ହେବନାହିଁ ।

ପାକିସ୍ତାନରେ ପୂର୍ବ ଉପରେ ପଶ୍ଚିମର ଯେଉଁ ନିର୍ମମ ଅତ୍ୟାଚାର ଏହା ଅଛପା ନଥିଲା । ଅର୍ଥନୈତିକ ଶୋଷଣ, ସାମାଜିକ ଅବିଚାର, ରାଜନୈତିକ ପ୍ରତିହିଂସା, ସାଂସ୍କୃତିକ ଓ ଯୁଦ୍ଧ ଭାବେ ଅସମାନତା ଥିବାରୁ ପୂର୍ବ ପାକିସ୍ତାନ ଆଜିର ବଂଗଳାଦେଶ ଉପରେ ପଶ୍ଚିମ ପାକିସ୍ତାନ ବର୍ତମାନର ପାକିସ୍ତାନ ସବୁବେଳେ ଦାଦାଗିରୀ କରିଆସୁଥିଲା ।

ପାକିସ୍ତାନ ମୁସଲମାନବହୁଳ ଦେଶ ହେଲେ ମଧ୍ୟ ଜାତୀୟ ଭାଷା ବୋଲି କିଛି ନଥିଲା । ଉର୍ଦ୍ଦୁକୁ ସମସ୍ତଙ୍କ ଉପରେ ଲଦି ଦିଆଯାଇଥିଲା । କିନ୍ତୁ ପୂର୍ବ ପଶ୍ଚିମର ଦୂରତ୍ୱ ହଜାରେ ମାଇଲ । ପୂର୍ବ ପାକିସ୍ତାନରେ ମୁସଲମାନ ମାନଙ୍କ ମୁଖ୍ୟ ଭାଷା ଥିଲା ବଂଗଳା । ଭାଷା ଓ ଜାତୀୟତାର ପ୍ରଶ୍ନ ନେଇ ଭାଷା ଆନ୍ଦୋଳନ ଆରମ୍ଭରୁ ବିଭିନ୍ନ ପର୍ଯ୍ୟାୟରେ ମଧ୍ୟ ଦେଇ ଆଜି ସ୍ୱାଧୀନ ବଂଗଳାଦେଶ ।

ଭାଷାସାହିତ୍ୟ ମାନେତ – ଜାତିଧର୍ମ ଅଂଚଳ କୁସଂସ୍କାର ପ୍ରତିରୋଧ – ସାରା ବିଶ୍ୱର ଚତୁର୍ଦ୍ଦିଗରେ ତା'ର ବିଚରଣ । ବାଂଲାଦେଶ ଭାଷା ଆନ୍ଦୋଳନ ଐକ୍ୟବଦ୍ଧ କରି ସମସ୍ତ ଜାତିଙ୍କୁ ପ୍ରଗତିଶୀଳ ଭୂମିକାରେ ଅବତୀର୍ଣ୍ଣ କରାଇଛି । ଭାଷା ଆନ୍ଦୋଳନ ଭିତରେ ମୌଳବାଦ ଅସୂର୍ଯ୍ୟ ଇଲାକାରେ ଆତ୍ମଗୋପନ କରିଛି । ଭାଷା ପ୍ରତି ଗଭୀର ଆନୁଗତ୍ୟ ସେମାନଙ୍କୁ ସ୍ୱାଧୀନତାର ସ୍ୱାଦ ଆଡକୁ ଟାଣି ନେଇଛି - ଧର୍ମୀୟ କୁସଂସ୍କାର କୂପମଣ୍ଡୁକତାରୁ ଦୂରେଇ ନେଇ ପ୍ରଗତିଶୀଳ ଧର୍ମ ନିରପେକ୍ଷ ଭୂମିକାରେ ଅବତୀର୍ଣ୍ଣ କରାଇଛି ।

ବାଂଲାଦେଶରେ ବାରମ୍ବାର ରାଜନୈତିକ-ଅର୍ଥନୈତିକ ଅସ୍ଥିରତାରେ ପ୍ରଚଣ୍ଡ ତୋଫାନ ସୃଷ୍ଟି ହୋଇଛି – କିନ୍ତୁ କଳା ସାହିତ୍ୟ ଅଗ୍ରଗତୀର ପଥକୁ କେହି ରୋଧକରି ପାରିନାହାନ୍ତି । ଅବଶ୍ୟ ସେହି ସ୍ୱାଧୀନ ବଂଗଳା ଦେଶର ଗଣତନ୍ତ୍ର କେତେବେଳେ ବନ୍ଧା ପଡିଯାଉଛି ତ କେତେବେଳେ କାରଗାର ଅନ୍ଧକାର ମଧ୍ୟରେ ଲୁଚି ରହୁଛି । ପୁଣି କେତେବେଳେ ପଦାକୁ ବାହାରିଲେ ସେହି ଗଣତନ୍ତ୍ର ଉପରେ ଆରମ୍ଭ ହେଉଛି ସ୍ୱେଚ୍ଛାଚାରୀ ଅତ୍ୟାଚାର । ପୁଣି ଗଣତନ୍ତ୍ର ଅଣନିଶ୍ୱାସୀ । ସଂପ୍ରତି ଗଣତନ୍ତ୍ର ପୁନଃର୍ଜୀବନ ପାଇଛି । ଦେଖାଯାଉ କେତେଦିନ ଏ ଜୀବନ?

ସାମ୍ରାଜ୍ୟବାଦୀ ବ୍ରିଟିଶ ବିରୋଧରେ ଆଜିର ବଂଗଳାଦେଶ, ପାକିସ୍ଥାନ, ଭାରତ ଅଖଣ୍ଡ ଭାରତ ବର୍ଷ ଭାବେ ଲଢୁଥିଲା । ସେତେବେଳେ ଧର୍ମଜାତି ବୋଲି କିଛି ନଥିଲା । କେବଳ ସାମ୍ରାଜ୍ୟବାଦୀ ଶକ୍ତି ଓ ପରାଧୀନ ଜାତି ମଧ୍ୟରେ ଲଢେଇ । ଭାରତର ସ୍ୱାଧୀନତା ଆନ୍ଦୋଳନ ପରେ ହିନ୍ଦୁ, ମୁସଲମାନ, ଶିଖ, ଜୈନ ବୌଦ୍ଧ, ଖ୍ରୀଷ୍ଟିଆନ ସବୁ ଭାଇଭାଇ ହୋଇ କାନ୍ଧକୁ କାନ୍ଧ ମିଶାଇ ଆତ୍ମତ୍ୟାଗର ବଳିଷ୍ଠ ସ୍ୱାକ୍ଷର କରିଯାଇଛନ୍ତି । ସ୍ୱାଧୀନତାର ସଂଗ୍ରାମ ଅମର କାହାଣୀ ଆଜି ମଧ୍ୟ ପ୍ରାଣବନ୍ତ ।

ଯେକୌଣସି ଲଢେଇ-ମୁକ୍ତି-ସ୍ୱାଧୀନତାରେ ଲକ୍ଷ୍ୟ-ଉଦ୍ଦେଶ୍ୟ-ରାସ୍ତା-ନେତୃତ୍ୱର ପ୍ରଶ୍ନ ଅତ୍ୟନ୍ତ ଜରୁରୀ । ଯଦି ଦଳେ ନିଜର ସ୍ୱାର୍ଥ ସାଧନ କରିବା ପାଇଁ ଅନ୍ୟମାନଙ୍କୁ ବ୍ୟବହାର କରନ୍ତି–ସେଇଠୁ ଆରମ୍ଭ ହୁଏ ବିଷକ୍ରିୟା ଯାହା ଦିନେ ସମାଜକୁ ମଣିଷଙ୍କୁ ଜାଳିପୋଡି ପାଉଁଶ କରିଦିଏ । ଯାହାଫଳରେ ଅଖଣ୍ଡ ଭାରତ ଦ୍ୱିଖଣ୍ଡ ଭାରତ-ପାକିସ୍ତାନ ପୁଣି ୫୦ବର୍ଷ ପୂର୍ବରୁ ପାକିସ୍ଥାନ ଦ୍ୱିଖଣ୍ଡ ହୋଇ ବଂଗଳାଦେଶର ସୃଷ୍ଟି । ପୁଣି ଏକାଦେଶ ତିନି ଦେଶରେ ପରିଣତ ହୋଇ ଖଣ୍ଡ ଖଣ୍ଡ ହେବା ପାଇଁ ବିଷମଂଜି କାମ ଦେଉଛି । ଦଳେ ଅଖଣ୍ଡ ଅଖଣ୍ଡ କହି କହି ବାରମ୍ବାର ଖଣ୍ଡ ଖଣ୍ଡ କରିବା ଉଦ୍ୟମ ଜାରି ରଖିଛନ୍ତି । ଯାହାଫଳରେ ଦଙ୍ଗା-ହତ୍ୟାର ବିଭିଷିକା ଲାଗି ରହୁଛି । ଏହା ଶୋଷକମାନଙ୍କ ବାଁହାତର ଖେଳ ବେଳେ ଶୋଷିତମାନଙ୍କର କାଳ ହୋଇ ଯାଇଛି ।

ଗୋଟିଏ ଦେଶର ଯୁଦ୍ଧ, ଗୃହଯୁଦ୍ଧରେ ଲାଗିଲେ ତା'ର ଭଲମନ୍ଦ ପ୍ରଭାବ ଅନ୍ୟଦେଶରେ ପଡେ । କେଉଁଠି ଭଲ ବି ହୁଏ, କେଉଁଠି ମଧ୍ୟ ଖରାପ ହୁଏ ।

ପାକିସ୍ଥାନ ଗୃହଯୁଦ୍ଧରେ ଭାରିଓଜନ ଭାରତ ଉପରେ ପଡିଥିଲା । ବହୁ ଶରଣାର୍ଥୀ ପୂର୍ବବଂଗରୁ ପଳାଇ ଆସି ଆସାମ, ମେଘାଳୟ, ତ୍ରିପୁରା, ପଶ୍ଚିମବଂଗ, ଓଡିଶାରେ ଆଶ୍ରୟ ନେଇଥିଲେ । ସେମାନଙ୍କ ଖାଦ୍ୟ ଆଶ୍ରୟ ବାବଦ ଅବଶ୍ୟ ଦେଶବାସୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଛି ମାନବିକତା ଦୃଷ୍ଟିକୋଣରୁ । ବାମପନ୍ଥୀ, ପ୍ରଗତିଶୀଳ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଦେଶଭିତରୁ ରିଲିଫ୍ ସଂଗ୍ରହକରି ବାଂଲା ଶରଣାର୍ଥୀ ମାନଙ୍କୁ ସାହାଯ୍ୟ ଓ ସେବା ମଧ୍ୟ କରିଥିଲେ ।

ପ୍ରତ୍ୟେକ ଭାରତୀୟଙ୍କ ଧନରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଶରଣାର୍ଥୀ ମାନଙ୍କ ଖାଦ୍ୟ ଓ ଆଶ୍ରୟରେ । ଶେଷରେ ଭାରତ ସରକାର ସାମରିକ ସାହାଯ୍ୟ ବଂଗଳାଦେଶର ସ୍ୱାଧୀନତାରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

ସେଦିନ ଆଜି କେତେ ତଫାତ୍ । ଆଭ୍ୟନ୍ତରୀଣ ଶାନ୍ତି - ନିରାପତା ସମ୍ପୂର୍ଣ୍ଣ ବିପନ୍ନ । ପ୍ରତିମୁହୂର୍ତ୍ତରେ ବିପଦ ମାଡି ଆସୁଛି । ଜନଗଣ ଅସ୍ତବ୍ୟସ୍ତ-ଛିନ୍ନଛତ୍ର-ଅଭାବଅନାଟନ-ଦାରିଦ୍ର କଷାଘାତରେ ଜର୍ଜରୀତ-ବିବେକ ଉପରେ ପଦାଘାତ – ଶୋଷିତ, ନିର୍ଯ୍ୟାତିତ- ଅତ୍ୟାଚାରୀତ-ଅବହେଳିତ ହେବା ସେମାନଙ୍କର ଚିରସାଥୀ ହୋଇ ରହିଛି ।

ପ୍ରଗତିଶୀଳ ଗୋଷ୍ଠୀ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ବିରୋଧରେ ପ୍ରବଳ ଆନ୍ଦୋଳନ ଚଳାଇଛନ୍ତି । ପ୍ରତିକ୍ରିୟାଶୀଳ ଗୋଷ୍ଠୀଙ୍କ ଦମନ ଅତ୍ୟାଚାର ମଧ୍ୟଯୁଗୀୟ ଅତ୍ୟାଚାରଠାରୁ ବଳିଯାଇଛି । ବାରମ୍ବାର ରାଜନୈତିକ ଅସ୍ଥିରତା ଲାଗିରହିବ । ମୌଳବାଦୀ ଶକ୍ତିମାନେ ଧର୍ମକୁ ଆଖିଠାର ମାରି କ୍ଷମତା ଦଖଲ ପାଇଁ ବାରମ୍ବାର ଲାଳାୟିତ ହୋଇଛନ୍ତି । ଅଳ୍ପ ସମୟ ପାଇଁ କ୍ଷମତା ଅଂଶୀଦାର ହୋଇ ଗଣତନ୍ତ୍ରକୁ କବର ଦେଇଛନ୍ତି ।

ଦାରିଦ୍ର୍ୟ ଓ ଅସ୍ଥିରତାର ସୁଯୋଗ ନେଇ ସାମ୍ରାଜ୍ୟବାଦୀ ପୁଂଜିବାଦୀ ଦେଶ ମାନଙ୍କର ପ୍ରଭାବ ବଂଗଳାଦେଶ ଉପରେ ବୃଦ୍ଧି ପାଇଛି ।

ଶିକ୍ଷା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି । ସାମରିକ ସେନାପତି ମାନେ ବାରମ୍ବାର କ୍ଷମତାର ସ୍ୱାଦ ଚାଖିବାକୁ ହତ୍ୟାକାଣ୍ଡର ଆଶ୍ରୟ ନେଇଛନ୍ତି । ସମଗ୍ର ବାଂଲାର ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ବାରମ୍ବାର ରାଜନୈତିକ ଦେଶ ବିପର୍ଯ୍ୟୟ, ଅର୍ଥନୈତିକ ପତନ, ସାମାଜିକ ଅବ୍ୟବସ୍ଥା, ସାଂସ୍କୃତିକ ଅବକ୍ଷୟ ବଢିଚାଲିଛି – ତା ସତ୍ତ୍ୱେ ମଧ୍ୟ ଅନ୍ଧାରୀ ଅଧ୍ୟାୟକୁ ଶାଣିତ ସ୍ମୃତିର ସ୍ୱରଲିପିରେ ଯୁବଛାତ୍ର ସମାଜ ପୋଛି ଦେବାକୁ ବଦ୍ଧପରିକର । ଧର୍ମନିରପେକ୍ଷ ଗଣତନ୍ତ୍ର ବାଂଲାଦେଶ ବୋଲି ଯେତେ କଣ୍ଠ ଫଟାଇ ନେତାମାନେ ଗର୍ଜୁଛନ୍ତି ସେତେ ବିରୁଦ୍ଧାଚରଣ କରୁଛନ୍ତି । ଜନଗଣ ବିଶେଷକରି ଶିକ୍ଷିତ ସଂପ୍ରଦାୟ ଯୁବସମାଜ ମଧ୍ୟରେ ନୀତିଆଦର୍ଶ କର୍ମ ପ୍ରଗତିଶୀଳ ହେଲେ ପ୍ରଚଳିତ ବ୍ୟବସ୍ଥାର ପରିବର୍ତନ ହେଲେ – ଲୋକେ ସୁଖଦାୟୀ ମୈତ୍ରୀ, ସାମ୍ୟ କ'ଣ ଅନୁଭବ କରିବେ । ୫୦ବର୍ଷ ଗୋଟିଏ ଦେଶ ପକ୍ଷେ କିଛି ନୁହେଁ । ଭୁଲଭ୍ରାନ୍ତିକୁ ସଂଶୋଧନ କରି ବାଂଲାଦେଶ ଏକବିଂଶ ଶତାବ୍ଦୀର ପ୍ରଗତିଶୀଳ ଦେଶ ଭାବେ ବିଶ୍ୱରେ ପ୍ରତିପାଦିତ ହେଉ–ଜୟ ବାଂଲା ।

*–ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# ସର୍ବସାଧାରଣ ସ୍ଥାନ ଦଖଲ ପାଇଁ ଅନ୍ୟ ଏକ ଚକ୍ରବ୍ୟୁହ

**ଗୋଲଖ ଚନ୍ଦ୍ର ଦାସ**



ପୁଣି ଥରେ ସର୍ବସାଧାରଣ ସ୍ଥାନ ବା ରାସ୍ତାରେ ନମାଜ ପାଠକୁ ନେଇ ଗୁରଗାଓଁରେ ବିବାଦ । ଆଗରୁ ପ୍ରତି ଶୁକ୍ରବାର ଦିନ ସର୍ବସାଧାରଣ ସ୍ଥାନରେ ନମାଜ ପାଠ ହେଉଥିଲା । ସ୍ଥାନୀୟ ଜନସାଧାରଣ ବିରୋଧ କରିବାରୁ ଉତେଜନା ସୃଷ୍ଟି ହୋଇଥିଲା । ଏହାପରେ ଉଭୟ ପକ୍ଷ ବସି ଆପୋଷ ସମାଧାନ କରିଥିଲେ । ଏହାପରେ ବି ଗତ ଡିସେମ୍ବର ୧୦ ତାରିଖ ଦିନ ମୁସଲମାନମାନେ ନିଷ୍ପତି ନମାନି ଅନେକ ସ୍ଥାନରେ ନମାଜ ପାଠ କରିଛନ୍ତି । ପୁଣି ସର୍ବସାଧାରଣ ସ୍ଥାନରେ ନମାଜ ପାଠକୁ ସ୍ଥାନୀୟ ଜନତା ବିରୋଧ କରିଛନ୍ତି । ଏହି ପ୍ରସଙ୍ଗରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ପ୍ରତିକ୍ରିୟା ରଖିଛନ୍ତି । ଯଦି କେହି ନମାଜ ପାଠ କରିବାକୁ ଚାହୁଁଛି କିଛି ଅସୁବିଧା ନାହିଁ, କିନ୍ତୁ ସର୍ବସାଧାରଣ ସ୍ଥାନରେ ଏପରି କାର୍ଯ୍ୟକ୍ରମ ହୋଇପାରିବ ନାହିଁ । ରାସ୍ତାରେ ନମାଜ ପାଠ କେବେବି ଗ୍ରହଣୀୟ ନୁହେଁ । ଏହାକୁ ବରଦାସ୍ତ କରାଯାଇ ପାରିବନି । କିନ୍ତୁ ସମସ୍ତେ ଏକାଠି ବସି ସମାଧାନର ରାସ୍ତା ବାହାର କରନ୍ତୁ । ସେମାନଙ୍କ ପାଖରେ ଏବଂ ୱାକଫ୍ ବୋର୍ଡ ପାଖରେ ଅନେକ ଜାଗା ଅଛି । ସେଠାରେ ନମାଜ ପାଠ କରିହେବ । ନହେଲେ ଘରେ ବି ନମାଜ ପାଠ କରାଯାଇପାରିବ । ଖୋଲାରେ ନମାଜ ପାଠକୁ ନେଇ ବିବାଦ ତିଆରି ହେବା ଅନୁଚିତ । କାହାର ଅଧିକାରରେ ହସ୍ତକ୍ଷେପ କରିହେବ ନାହିଁ ।

ଶୁକ୍ରବାର ଆସିଲେ ହରିୟାଣାର କେତେକ ଅଂଚଳର ରାସ୍ତା ବନ୍ଦ ହୋଇଯାଏ । ଲୋକମାନେ ବଜାର, ମେଡିକାଲ, ଅଫିସ ଯିବା ଆସିବା ପାଇଁ ଅସୁବିଧାରେ ପଡନ୍ତି । କାରଣ ହେଉଛି ଖୋଲା ସ୍ଥାନରେ ନମାଜ । ରାସ୍ତା ଉପରେ ନମାଜ ପାଠ । ପାର୍କରେ ନମାଜ ପାଠ । କେବଳ ହରିୟାଣାରେ ଖୋଲା ସ୍ଥାନରେ, ରାସ୍ତାଘାଟରେ, ପାର୍କରେ ସବୁ ବନ୍ଦ କରି ଦିଆଯାଇ ନମାଜ ପାଠ କରାଯାଉନାହିଁ, ଭାରତର ଅନେକ ସ୍ଥାନରେ ଏପରି ଖୋଲା ନମାଜ କରାଯାଉଛି । ଏହି ଖୋଲା ନମାଜ, ସାଧାରଣ ଜନତାଙ୍କୁ ଅସୁବିଧାରେ ପକାଉଛି । ଯେଉଁଥିପାଇଁ କି ସ୍ଥାନୀୟ ଲୋକମାନେ ବିରୋଧ ଆରମ୍ଭ କରିଛନ୍ତି । ଭାରତରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ମସଜିଦ୍ ଅଛି । ବିଶ୍ୱରେ ଇଣ୍ଡୋନେସିଆରେ ଯେତେକି ମସଜିଦ୍ ନାହିଁ ଭାରତରେ ତା'ଠାରୁ ବେଶୀ ମସଜିଦ ଅଛି । ଆମ ଦେଶରେ ଲକ୍ଷ ଲକ୍ଷ ମସଜିଦ ଥାଇ ମଧ୍ୟ ରାସ୍ତାଘାଟରେ ନମାଜ ପାଠ କରାଯାଉଛି । ବିଶ୍ୱରେ ଏପରି ୨୭ ଦେଶ ଅଛି ଯାହାର ରାଷ୍ଟ୍ରଧର୍ମ ଇସଲାମ । ଏହି ଦେଶର ଖୋଲାସ୍ଥାନ କି ରାସ୍ତାଘାଟରେ ନମାଜ ପଢାଯାଏ ନାହିଁ । ସାଉଦି ଆରବରେ ତ ଏପରି ନିୟମ ଅଛି କୌଣସି ବ୍ୟକ୍ତି ଗାଡି ରଖି ରାସ୍ତାରେ ନମାଜ ପାଠ କରିପାରିବ ନାହିଁ । ରାସ୍ତାରେ ନମାଜ ପାଠ କଲେ ଜରିମାନା ଦେବାକୁ ପଡେ । ଏଥିପାଇଁ ଆବୁଧାବି ପୋଲିସ ମଧ୍ୟ ଏକ ସଚେତନତା ଅଭିଯାନ ଆରମ୍ଭ କରିଛି । କାରଣ ରାସ୍ତାରେ ନମାଜ ପାଠ କରିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ । ଇଣ୍ଡୋନେସିଆରେ ଲୋକମାନଙ୍କର ଅସୁବିଧା ହେବାରୁ ନମାଜ ପାଠ ସମୟରେ ମସଜିଦ୍‌ରେ ଲାଗିଥିବା ମାଇକ ସ୍ପିକରର ଧ୍ୱନିକୁ ମଧ୍ୟ କମ୍ କରି ଦିଆଯାଇଛି । ଭାରତରେ ତ ଏପରି କରିବା ପାଇଁ କେହି କେବେ କଳ୍ପନା କରିନାହାଁନ୍ତି । ଯେଉଁମାନେ ସରକାରୀ ଜମି ଉପରେ ନମାଜ ପାଠ କରୁଛନ୍ତି ସେମାନେ କହୁଛନ୍ତି ସେମାନଙ୍କର ସାମ୍ବିଧାନିକ ଅଧିକାର ଅଛି କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଅନ୍ୟ ଧର୍ମର ଲୋକମାନଙ୍କର କ'ଣ ସାମ୍ବିଧାନିକ ଅଧିକାର ନାହିଁ କି? ସେମାନେ ଯଦି ରାସ୍ତାଘାଟରେ ଏପରି କରନ୍ତି, ତେବେ କ'ଣ ହେବ?

ଦେଶର ରାଜଧାନୀ ନିକଟ ଗୁରୁଗ୍ରାମରେ ଖୋଲା ପଡିଆରେ ନମାଜ ପଢାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୁରୁଗ୍ରାମ ପାଲଟି ଯାଇଛି "ଧାର୍ମିକ ଯୁଦ୍ଧକ୍ଷେତ୍ର" । ରାସ୍ତା ଅବରୋଧ କରି ନମାଜ ପାଠ କରୁଥିବା ଶହଶହ ମୁସଲମାନ ଗଣମାଧ୍ୟମ ଆଖିରେ 'ପୀଡିତ' ସାଜିଥିବା ବେଳେ ଅସୁବିଧାରେ ପଡି ବିରୋଧ କରୁଥିବା ସ୍ଥାନୀୟ ଲୋକ ହେଉଛନ୍ତି " ହିନ୍ଦୁ କଟ୍ଟରବାଦୀ" । ଦୈନିକ ପ୍ରକାଶିତ "The Guardian" ଖବରକାଗଜ ସରକାରୀ ସ୍ଥାନକୁ "ନମାଜ ସାଇଟ୍" ଘୋଷଣା କରିବା ସହିତ ହିନ୍ଦୁମାନଙ୍କ ଉପରେ ବିଭାଜନ କରୁଥିବାର ଅଭିଯୋଗ ଲଗାଇଛି । ଏହି ଖବରକାଗଜ ତା'ର ପ୍ରକାଶିତ 'New city, old schism: Hindu groups target Gurgaon's Muslim prayer sites' ଲେଖାରେ ଗୈରିକ ପୋଷାକ ପିନ୍ଧି ଜୟ ଶ୍ରୀରାମ ସ୍ଲୋଗାନ ଦେଉଥିବା ଲୋକମାନେ "ହିନ୍ଦୁ ରାଷ୍ଟ୍ରବାଦୀ ଭିଡ" ବୋଲି ଉଲ୍ଲେଖ କରିଛି । ଏବେ ପ୍ରଶ୍ନ ଉଠୁଛି, ଏହିସବୁ ସରକାରୀ ଜାଗା କେବେଠାରୁ 'ନମାଜ ସାଇଟ୍'ରେ ପରିଣତ ହେଲାଣି? ଯଦି କେହି ରାସ୍ତାଘାଟ, ଖେଳପଡିଆ, ପାର୍କିଂ ସ୍ଥାନ, ସ୍କୁଲ ପଡିଆ ତଥା ଖୋଲା ସ୍ଥାନରେ ନମାଜ ପାଠ କରିଲେ ତାହା କ'ଣ 'ନମାଜ ସାଇଟ୍' ହୋଇଗଲା କି? ଏହି ଖବରକାଗଜ କହିଛି ଖୋଲାସ୍ଥାନରେ ପ୍ରାର୍ଥନା କରିବା ମୁସଲମାନଙ୍କର ଏକ ସାମାଜିକ ଅଧିକାର । ଏହାପୂର୍ବରୁ Theprint ମଧ୍ୟ ଏହିପରି ଲେଖା ପ୍ରକାଶ କରିଥିଲା । ପ୍ରଫେସର ହିଲାଲ ଅହମ୍ମଦ 'ସର୍ବଧର୍ମ ସମଭାବ' କଥା କୁହନ୍ତି କିନ୍ତୁ ଏହି ଘଟଣାକୁ ନେଇ ଆଲ୍ଲାହା ସର୍ବଶକ୍ତିମାନ ବୋଲି ବର୍ଣ୍ଣନା କରିଛନ୍ତି । ହିନ୍ଦୁମାନେ ହନୁମାନ ଚାଳିସା ପାଠ କଲେ "ବାଧା" ସୃଷ୍ଟି ହେଲା ବୋଲି କହୁଛନ୍ତି, କିନ୍ତୁ ମୁସଲମାନମାନେ ଶହଶହ ସଂଖ୍ୟାରେ ଏକତ୍ରିତ ହୋଇ ନମାଜ ପାଠ କଲେ ତାହାକୁ "ପ୍ରାର୍ଥନା" ବୋଲି କହୁଛନ୍ତି । ଏହା କିପରି ଠିକ୍? ସେ କହିଛନ୍ତି ଚଳନ୍ତା ଟ୍ରେନ, ବ୍ୟସ୍ତବହୁଳ ରାସ୍ତା, ଡାକ୍ତରଖାନା ଏପରିକି ହିନ୍ଦୁ ମନ୍ଦିରରେ ନମାଜ ପାଠ କରିବା ହେଉଛି ଗର୍ବର ବିଷୟ ।

ସରକାରୀ ସ୍ଥାନରେ ନମାଜ ପାଠ ଘଟଣାକୁ ନେଇ କିଛିଦିନ ତଳେ ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଯେଉଁଥିରେ କୁହାଯାଇଛି ଭାରତର ଏଭଳି କାର୍ଯ୍ୟକଳାପକୁ ଦୃଢଭାବରେ ନିନ୍ଦା କରିବା ସହିତ ମୁସଲମାନ ହରିୟାଣାରେ ନମାଜ କରିପାରୁ ନ ଥିବାରୁ ଗଭୀର ଦୁଃଖ ପ୍ରକାଶ କରୁଛି ।

ଏହାଦ୍ୱାରା ପାକିସ୍ତାନ ଆମ ଦେଶର ଗୋଟିଏ ଗୋଷ୍ଠୀ ସହିତ ମିଶି ସାରା ବିଶ୍ୱକୁ ଜଣାଇଦେବାକୁ ଚାହୁଁଛି ଯେ ଭାରତର ମୁସଲମାନ ଭାରତ ସହିତ ନାହାଁନ୍ତି, ପାକିସ୍ତାନ ସହିତ ଅଛନ୍ତି । ଆମ ଦେଶର ସେହି ଲୋକ ଯେଉଁମାନେକି ପାକିସ୍ତାନର ବିଜୟରେ ବାଣ ଫୁଟାନ୍ତି । ଏହାର ସୁଯୋଗ ନେଇ ପାକିସ୍ତାନ କହିବାକୁ ଚେଷ୍ଟା କରୁଛି ଯେ, ଭାରତର ମୁସଲମାନଙ୍କ ପାଇଁ ପାକିସ୍ତାନର ବହୁତ ଚିନ୍ତା । ଭାରତରେ ସେମାନଙ୍କ ଉପରେ ଅତ୍ୟାଚାର ହେଉଛି, ସେହି ମୁସଲମାନମାନଙ୍କୁ ରକ୍ଷାକରିବା ପାଇଁ ପାକିସ୍ତାନ ସେମାନଙ୍କ ସପକ୍ଷରେ ଛିଡା ହେଉଛି । ପାକିସ୍ତାନର ଏହି ପ୍ରଚାର ସଂପୂର୍ଣ୍ଣ ମିଥ୍ୟା ।

ଏ ଘଟଣାରେ ସତ୍ୟ ହେଉଛି ଗୁରୁଗ୍ରାମରେ ନମାଜ ପାଠକୁ ନେଇ ବିବାଦ ନାହିଁ । କିନ୍ତୁ ରାସ୍ତା ଉପରେ ନମାଜ ପଢାଯାଉଥିବାରୁ ରାସ୍ତା ଜାମ ହୋଇ ଯାଉଛି । କିନ୍ତୁ ପାକିସ୍ତାନ ସରକାର ଅଭିଯୋଗ କରୁଛି ଯେ ନମାଜ ପଢା ଉପରେ ହରିୟାଣା ସରକାର ପ୍ରତିବନ୍ଧକ ଲଗାଇଛନ୍ତି । କିନ୍ତୁ ସତ୍ୟ ଏହା ଯେ ହରିୟାଣା ସରକାର ଗୁରୁଗ୍ରାମରେ ୨୦ଟି ସ୍ଥାନ ପ୍ରଦାନ କରିଛନ୍ତି, ଯେଉଁଠି ଖୋଲା ପଡିଆରେ ନମାଜ ପଢାଯାଇ-ପାରିବ । ମୁସଲମାନମାନେ ରାସ୍ତା ଉପରେ ନମାଜ ପାଠ କରିବାରୁ ରାସ୍ତା ଜାମ ହୋଇଯାଉଛି । ଚଳପ୍ରଚଳ କରିବା ପାଇଁ ସ୍ଥାନୀୟ ଲୋକମାନଙ୍କର ଅସୁବିଧା ହେଉଛି । ସେମାନେ ବିରୋଧ କରୁଛନ୍ତି । ଗୁରୁଗ୍ରାମରେ ୨୨ଟି ମସଜିଦ୍ ଅଛି ତଥାପି କ'ଣ ପାଇଁ ରାସ୍ତା ଓ ପାର୍କରେ ନମାଜ ପାଠ କରାଯାଉଛି?

ପାକିସ୍ତାନର ସେହି ପ୍ରେସ ନୋଟରେ ମିଥ୍ୟା ଖବର ଭରି ରହିଛି । ସେହି ପ୍ରେସ ବିଜ୍ଞପ୍ତିରେ ଅନେକ ମିଥ୍ୟା ଖବର ଲେଖାଯାଇଛି । ଯେଉଁଥିରେ ଉଲ୍ଲେଖ ଅଛି ଉତରପ୍ରଦେଶ ଓ ହରିୟାଣାରେ ଥିବା ମସଜିଦ୍‌ଗୁଡିକୁ ଟାର୍ଗେଟ କରାଯାଉଛି । ସେଗୁଡିକୁ ଭାଙ୍ଗି ଦିଆଯାଉଛି । କିନ୍ତୁ ପ୍ରକୃତରେ ସତ୍ୟ ଏହା ଯେ ଉତରପ୍ରଦେଶ ଏବଂ ହରିୟାଣା କି ଭାରତର କୌଣସି ପ୍ରଦେଶରେ ଏପରି ଘଟିନାହିଁ । ସେହି ପ୍ରେସ ରିଲିଜରେ ତ୍ରିପୁରା ହିଂସାକାଣ୍ଡ ସଂପର୍କରେ ମିଥ୍ୟା ଖବର ପରିବେଷଣ କରାଯାଇ ଲେଖାଯାଇଛି ମସଜିଦ୍ ଓ ମୁସଲମାନମାନଙ୍କ ଘର ଉପରେ ଆକ୍ରମଣ କରାଯାଇଛି । ତ୍ରିପୁରାରେ ମଧ୍ୟ ଏପରି କୌଣସି ଘଟଣା ଘଟିନାହିଁ । ତ୍ରିପୁରା ହିଂସାକୁ ନେଇ ଯେଉଁ ଅପପ୍ରଚାର କରାଯାଇଥିଲା ତାହା ପଛରେ ପାକିସ୍ତାନର ହାତ ଥିଲା । ଗତ କିଛିଦିନ ତଳେ ମହାରାଷ୍ଟ୍ରରେ ଯେଉଁ ଦଙ୍ଗା ହୋଇଥିଲା ତାହାକୁ ପାକିସ୍ତାନ ମଧ୍ୟ ନିନ୍ଦା କରିବା ସହିତ କହିଛି ଯେ ଏହି ଦଙ୍ଗାରେ ମୁସଲମାନମାନଙ୍କ ଦୋକାନ, ମସଜିଦ୍-ଗୁଡିକ ଉପରେ ଆକ୍ରମଣ ହୋଇଛି ଓ ସେଗୁଡିକ ଭାଙ୍ଗିଯାଇଛି । କିନ୍ତୁ ସତ୍ୟ ହେଉଛି ଯେ, ଏହି ଦଙ୍ଗା ଇସଲାମିକ୍ ସଂଗଠନ ରଜା ଏକାଡେମୀ ଦ୍ୱାରା ବନ୍ଦ ପାଳନର ଆହ୍ୱାନରୁ ସୃଷ୍ଟି ହୋଇଥିଲା । ଏହି ବନ୍ଦ ପାଳନ ବେଳେ ହିନ୍ଦୁମାନଙ୍କର ମନ୍ଦିର ଓ ଦୋକାନଗୁଡିକୁ ଟାର୍ଗେଟ କରାଯାଇଥିଲା । ଭାରତର ମୁସଲମାନମାନଙ୍କ ପାଇଁ ପାକିସ୍ତାନ ଚିନ୍ତିତ, କିନ୍ତୁ ନିଜ ଦେଶରେ କ'ଣ ଘଟୁଛି ସେଥିପାଇଁ ଚିନ୍ତିତ ନୁହେଁ । ପାକିସ୍ତାନ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଯେତେବେଳେ ଭାରତକୁ ବଦନାମ କରିବା ପାଇଁ ଚକ୍ରାନ୍ତ କରୁଥିଲା ସେହି ସମୟରେ ଯେଉଁ ଦେଶରେ ଲୋକମାନଙ୍କର ଧାର୍ମିକ ସ୍ୱାଧୀନତାର ଅଧିକାର ନାହିଁ ତା'ର ଏକ ତାଲିକା ଆମେରିକା ସରକାରଙ୍କ ତରଫରୁ ପ୍ରକାଶ ପାଇଥିଲା । ସେହି ତାଲିକାରେ ପାକିସ୍ତାନର ନାମ ରହିଛି । ଆମେରିକା ତା'ର ରିପୋର୍ଟରେ ଦର୍ଶାଇଛି ଯେ ଯେଉଁ ଦେଶରେ ଧର୍ମ ଆଧାରରେ ଲୋକମାନଙ୍କୁ ହତ୍ୟା କରାଯାଉଛି, ସେହି ଦେଶ ପୁଣି ଭାରତକୁ କହୁଛି ଧର୍ମ ଆଧାରରେ ଭେଦଭାବ ସୃଷ୍ଟି ହେଉଛି ।

ସରକାରୀ ସ୍ଥାନରେ ନମାଜ ପାଠ ଘଟଣାକୁ ନେଇ ଗୁରୁଗ୍ରାମରେ ଏକ ନୂତନ ବିତର୍କ ଆରମ୍ଭ ହୋଇଯାଇଛି । ସେଠାରେ ଏକ ଗୁରୁଦ୍ୱାର ନମାଜ ପାଇଁ ମୁସଲମାନ-ମାନଙ୍କୁ ଜମି ଦାନ କରିଛି । ଏହାବ୍ୟତୀତ ଜଣେ ବ୍ୟବସାୟୀ ନମାଜ ପାଠ ପାଇଁ ନିଜ ଦୋକାନ ଖାଲି କରିଦେଇଛନ୍ତି ଏବଂ କିଛି ଲୋକ ଅଛନ୍ତି ଯେଉଁମାନେ କହିଛନ୍ତି ମୁସଲମାନ ଲୋକମାନେ ତାଙ୍କ ଘରକୁ ଆସି ଶୁକ୍ରବାର ଦିନ ନମାଜ ପାଠ କରିପାରିବେ । ଏଥିରେ କାହାରି ଆପତି ନାହିଁ । ଏବେ ପ୍ରଶ୍ନ ଉଠୁଛି ଯଦି ଅନ୍ୟ ଘରକୁ ଯାଇ ନମାଜ ପଢିପାରିବେ ତେବେ ନିଜ ଘରେ କାହିଁକି ନମାଜ ପାଠ କରିପାରିବେ ନାହିଁ? ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଉଦାର ଏବଂ ଧର୍ମନିରପେକ୍ଷତା ଦେଖାଇବା ପାଇଁ କିଛି ଲୋକ ନିଜ ଘରେ ଓ ଦୋକାନରେ ନମାଜ ପାଠ କରିବା ପାଇଁ ଜାଗା ଦେଉଛନ୍ତି । ସମସ୍ୟା ଏହା ନୁହେଁ ସମସ୍ୟା ହେଉଛି ଖୋଲା ନମାଜ, ସରକାରୀ ସ୍ଥାନରେ ନମାଜ, ରାସ୍ତାଘାଟରେ ନମାଜ । ଯାହାକି ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଥାଏ । ନମାଜ ପାଠ କରିବା ପାଇଁ ସେମାନଙ୍କ ଘର ଅଛି । ସରକାର ଜାଗା ଦେଇଛନ୍ତି । ମସଜିଦ୍ ଅଛି । ଲୋକମାନେ ମଧ୍ୟ ଜାଗା ଦେଇଛନ୍ତି, ତଥାପି ସେମାନଙ୍କର ଇଚ୍ଛା ରାସ୍ତାଘାଟରେ ନମାଜ ପାଠ କରିବେ । ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଏହିପରି କରି ସମସ୍ତଙ୍କୁ ଭକୁଆ ବନେଇ ସରକାରୀ ଜାଗାକୁ ଦଖଲ କରିବେ । ପ୍ରଶାସନକୁ ବେଖାତିର କରି ହିନ୍ଦୁମାନଙ୍କୁ ଅପମାନିତ କରିବେ ।



# ମୋ ଗାଁ

## ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧରାସ୍ତାରେ ବସ୍ ଚଳାଚଳ ଦାବି



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳଭା, ଶାସନ, ମାଳିପୁର, ଅଡାଜୋରୀ, ଗୁଣ୍ଡି, ମଦନପୁର ସମେତ ନିକଟସ୍ଥ ଗ୍ରାମ ଗୁଡିକର ଶତାଧିକ ବ୍ୟକ୍ତି ସୋମବାର ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ସାକ୍ଷାତ କରି ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧରାସ୍ତା ଦେଇ ଯାତ୍ରୀବାହୀ ବସ୍ ଚଳାଚଳ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କ ଦାବି ହେଉଛି ଅଳଭାଠାରୁ ମଦନପୁର ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ କୂଳେକୂଳେ ଏକ ବନ୍ୟା ନିରୋଧକ ବନ୍ଧ ରହିଛି । ସେହି ରାସ୍ତା ଦେଇ କଟକ ଏବଂ ପଟ୍ଟାମୁଣ୍ଡାଇରୁ ରାଜନଗରକୁ ଯାତ୍ରୀବାହୀ ବସ୍ ଚଳାଚଳ ହେଉଥିଲା । କିନ୍ତୁ ପଟ୍ଟାମୁଣ୍ଡାଇ କଲେଜ ନିକଟ ବକ୍ତାରପୁରଠାରୁ ରାଜନଗର ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତା ନବୀକରଣ ହେବାପରେ ସେହି ରାସ୍ତାରେ ସମସ୍ତ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି । ଯାହାଫଳରେ କି ନଦୀବନ୍ଧର ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୩୨ଟି ଗ୍ରାମର ୫୦ହଜାର ଲୋକ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି । ରାଜନଗର-ପଟ୍ଟାମୁଣ୍ଡାଇ ପୂର୍ତ୍ତବିଭାଗ ରାସ୍ତାରେ ବସ ଧରିବାକୁ ହେଲେ ୧୦କି.ମି. ରାସ୍ତା ଖର୍ଚ୍ଚାନ୍ତ ହୋଇଯିବାକୁ ପଡୁଛି । ନଦୀବନ୍ଧ ରାସ୍ତାରେ ବହୁ ବର୍ଷ ଧରି ଯାତ୍ରୀବାହୀ ବସ୍ ଚଳାଚଳ ହେଉନଥିବାରୁ ମଦନପୁର କଲେଜ ଏବଂ ପଟ୍ଟାମୁଣ୍ଡାଇ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ ମଧ ବସ୍ ଚଳାଚଳ ଅଭାବରୁ କଲେଜକୁ ଯିବା ଆସିବା ପାଇଁ ହଇରାଣ ହରକତ ହେଉଛନ୍ତି । ଗମନାଗମନରେ ଅସୁବିଧା ହେତୁ ନଦୀବନ୍ଧର ଦୁଇ କଡରେ ଥିବା ଗ୍ରାମର ଗରିବ ଛାତ୍ରଛାତ୍ରୀମାନେ କଲେଜକୁ ଯାଇନପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ନଦୀବନ୍ଧରେ ବହୁ ଖାଲଖମା ରହିଛି । ଜଳସେଚନ ବିଭାଗ ପକ୍ଷରୁ ବନ୍ଧଟିକୁ ନବୀକରଣ କରାଯାଇଥିବା ସତ୍ତ୍ୱେ ପୂର୍ତ୍ତବିଭାଗ ଅଧିନରେ ଥିବା ବନ୍ଧର ଶୀର୍ଷଭାଗ ମରାମତି କରାଯାଉନାହିଁ । ବନ୍ଧର ଶୀର୍ଷ ଭାଗକୁ ପୂର୍ତ୍ତବିଭାଗ ଦ୍ୱାରା ମରାମତି କରାଯାଇ ସେହି ନଦୀବନ୍ଧ ରାସ୍ତାରେ ବସ୍ ଚଳାଚଳ କରିବା ପାଇଁ ଶତାଧିକ ଜନପ୍ରତିନିଧି ଡାମରପୁର ପଞ୍ଚାୟତର ବରିଷ୍ଠ ନାଗରିକ ତଥା ପୂର୍ବତନ ସମିତି ସଭ୍ୟ ନୃସିଂହଚରଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଅଜୟ କୁମାର ସେନ, ପ୍ରଶାନ୍ତ ମହାନ୍ତି, ମୁରଲୀଧର ସେଠୀ, ବସନ୍ତ ନାଥ, ନଳିନୀକାନ୍ତ ସାହୁ, ତ୍ରିଲୋଚନ ବିଶ୍ୱାଳ, ଶ୍ରୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଯଦି ପୂର୍ତ୍ତବିଭାଗ ପକ୍ଷରୁ ସେହି ରାସ୍ତା ମରାମତି କରାନଯାଇ ପୂର୍ବପରି ନଦୀବନ୍ଧ ରାସ୍ତାରେ ବସ୍ ଚଳାଚଳ ନହୁଏ ତେବେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପରିବହନମନ୍ତ୍ରୀ ଏବଂ କେନ୍ଦ୍ରାପଡା ଆରଟିଓଙ୍କୁ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବିପତ୍ର ପଠାଯାଇଥିବା ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

## ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର : ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନଠାରେ ଡିସେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତୃପକ୍ଷଙ୍କ ଦ୍ୱାରା ମହାରାଷ୍ଟ୍ର ରାଜ୍ୟର ରାୟଗଡ଼ ଜିଲ୍ଲାର ୫୦ ଜଣ କ୍ଷେତ୍ରୀୟ ଅଧିକାରୀଙ୍କ ନିମନ୍ତେ ଏକ ତିନିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତୃପକ୍ଷ ମିଳିତ ଭାବେ ପରିଚାଳନା କରିଥିଲେ । ଆମ ରାଜ୍ୟ ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହୋଇ ଆସୁଅଛି । ଆମ ରାଜ୍ୟ ୧୯୯୯ ମସିହାର ଭୟାବହ ମହାବାତ୍ୟାରୁ ଆରମ୍ଭ କରି ସମସ୍ତ ବାତ୍ୟା ଓ ବନ୍ୟାଜନିତ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିଆସିଛି । ତେଣୁ ଆମ ରାଜ୍ୟକୁ ଅନୁସରଣ କରି ଅନ୍ୟ ରାଜ୍ୟର ଉଚ୍ଚ ପଦାଧିକାରୀମାନେ ବିପର୍ଯ୍ୟୟ ମୁକାବିଲା କରିବାର ଜ୍ଞାନକୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ନେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି । ପୂର୍ବରୁ ୨୦୨୧ ସେପ୍ଟେମ୍ବର ମାସରେ ମଧ ବିଭିନ୍ନ ତଟବର୍ତୀ ରାଜ୍ୟର ପ୍ରାୟ ୩୦ ଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିମନ୍ତେ ଏହି ଭଳି ଏକ ପ୍ରଶିକ୍ଷଣ ଶିବିର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତୃପକ୍ଷଙ୍କ ଦ୍ୱାରା ଏହି ପ୍ରତିଷ୍ଠାନରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା ।

## ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘର ବୈଠକ ଅନଲାଇନ୍ ମାଧ୍ୟମରେ ଫର୍ମାଟ ପ୍ରଚଳନକୁ ବିରୋଧ



ଚଣ୍ଡିଖୋଲ,(ପି.ଏନ୍):ଆଜି ପ୍ରସିଦ୍ଧ ଶୈବପୀଠ ମହାବିନାୟକଙ୍କ ପୀଠରେ ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘର ଏକ ବୈଠକ ବଡ଼ଚଣା ଦଲିଲ ଲେଖକ ମୋହରିର ସଂଘର ସଭାପତି ଅନନ୍ତ ଚରଣ ପୃଷ୍ଟିଙ୍କ ସଭାପତିତ୍ୱ ଓ ଜିଲା ଉପ-ସଭାପତି ସଂକର୍ଷଣ ସାହୁଙ୍କ ସଂଯୋଜନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର କେନ୍ଦ୍ରାପଡ଼ା, ଯାଜପୁର, ଖୋର୍ଦ୍ଧା, କେନ୍ଦୁଝର, ବାଲେଶ୍ୱର, କଟକ, ଭଦ୍ରକ ଜିଲାର ମୋହରିର ଓ ଦଲିଲ ଲେଖକମାନେ ଯୋଗଦେଇ ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍ ଲାଇନ୍ ମାଧ୍ୟମରେ ଫର୍ମାଟ୍ ପ୍ରଚଳନ କରି ଦଲିଲ ରେଜିଷ୍ଟ୍ରେସନ କରାନ ଯିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶାର ସମସ୍ତ ସବ-ରେଜିଷ୍ଟାର ଅଫିସରେ ୧୨ ହଜାରରୁ ଉର୍ଦ୍ଧ୍ୱ ଦଲିଲ ଲେଖକ ମୋହରିରମାନେ ଶୃଙ୍ଖଳା ସହ ଜନ ସାଧାରଣଙ୍କର ବିଭିନ୍ନ ପ୍ରକାରର ଦଲିଲ ସଂପାଦନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ସରକାରଙ୍କ ପ୍ରଣିତ ଆଇନ୍ ଅନୁସାରେ ସରକାରୀ ରାଜସ୍ୱ ଅଭିବୃଦ୍ଧିରେ ସହାୟକ ହେଉଛନ୍ତି। ଗତ କରୋନା ମହାମାରୀ ସମୟରେ ଆର୍ଥିକ ଅନାଟନ ମଧ୍ୟରେ କାଳାତିପାତ କରୁଥିବା ଦଲିଲ ଲେଖକ ଓ ମୋହରିର ମାନଙ୍କ ଉରେ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଅନ୍ ଲାଇନ୍ ମାଧ୍ୟମରେ ରେଜିଷ୍ଟ୍ରେସନ ବେଡ଼ି ଉପରେ କରୋଡ଼ା ସଦୃଶ୍ୟ ହୋଇଛି। ଫଳରେ ବହୁ ମୋହରିର ଓ ଦଲିଲ ଲେଖକ ସେମାନଙ୍କର ବୃତି ହରାଇବା ସହିତ ସେମାନଙ୍କ ପରିବାର ଓ ଆଗାମୀ ଯୁବପିଢ଼ୀ କ୍ଷତିଗ୍ରସ୍ତ ହେବେ। ବର୍ତମାନ ସରକାର ବିଭିନ୍ନ କର୍ମ ସଂସ୍ଥାନ ଯୋଗାଇ ଜନ ସାଧାରଣଙ୍କୁ ରୋଜଗାର କ୍ଷମ କରାଉଥିବା ବେଳେ ଦଲିଲ ଲେଖକ ମୋହରିରମାନଙ୍କ ବୃତିକୁ ଉଚ୍ଛେଦ କରିବା ସରକାରଙ୍କର ସଂକୀର୍ଣ୍ଣ ମନୋଭାବର ପରିଚୟ ଦିଏ। ଯଦି ଅନ୍ ଲାଇନ୍ ରେଜିଷ୍ଟ୍ରେସନକୁ ବାତିଲ କରାନଯାଏ ତାହାଲେ ଆଗାମୀ ଦିନରେ ମହାସଂଘ ତରଫରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯିବା ସହିତ ଆଇନର ଆଶ୍ରୟ ନେବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏଥିରେ ରାଜ୍ୟ ସଭାପତି ବଂଶୀଧର ବେହେରା, ସାଧାରଣ ସଂପାଦକ ଅଶୋକ କୁମାର ଦାସ, ଉପଦେଷ୍ଟା ଭକ୍ତ ଚରଣ ପଣ୍ଡା, ଉପ-ସଭାପତି ଉମାକାନ୍ତ ସାହୁ, କୋଷାଧ୍ୟକ୍ଷ ସଂଜୟ କୁମାର ବାରିକ୍, ଯାଜପୁର ଜିଲା ସଂପାଦକ ଶିଶିର କୁମାର ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ଇ-ରେଜିଷ୍ଟ୍ରେସନ ନିତିର ସମାଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଦାସ, ନିଶାକର ନାୟକ, ଜଳଧର ମହାନ୍ତି, ରୁଦ୍ର ନାରାୟଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଆଦିକନ୍ଦ ସାହୁ, ମହେନ୍ଦ୍ର କୁମାର ବଳ, ଅଭୟ କୁମାର ମହାନ୍ତି, ମିହିର କୁମାର ସାହୁ, ମନିନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଇ-ରେଜିଷ୍ଟ୍ରେସନ ପକ୍ରିୟାକୁ ବିରୋଧ କରିଥିଲେ। ଶେଷରେ ନୃସିଂହ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ, ଓଡ଼ିଶା ଚାପ୍ଟର ୪୧ତମ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର: ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନମୟ କୋଷ, ପ୍ରଜ୍ଞାମୟ କୋଷ ଓ ଆନନ୍ଦମୟ କୋଷରେ ଶରୀରର ସ୍ଥିତି। ଏହାକୁ ଧ୍ୟାନରେ ରଖି ଡାକ୍ତରମାନେ ଶରୀରର ଚିକିତ୍ସା କରିବା ଦରକାର । ଶରୀର, ମନ ଓ ଆତ୍ମାକୁ ଏକୀଭୂତ କରି ଚିକିତ୍ସା ପଦ୍ଧତିର ପ୍ରୟୋଗ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୦ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ

କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ




ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହଞ୍ଚିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## କେନ୍ଦ୍ରାପଡା ଜିଲ୍ଲାରେ ପ୍ରସ୍ତାବିତ ସର୍ବବୃହତ ଇସ୍ପାତ୍ କାରଖାନା

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ଠାରେ ଅଗ୍ରଣୀ ଇସ୍ପାତ୍ କମ୍ପାନି ଆର୍ସେଲର ମିତଲ ନିପନ୍ ଷ୍ଟିଲ୍(ଏଏମ୍‌ଏନ୍‌ଏସ୍) ଦ୍ୱାରା ୧.୦୨ ଲକ୍ଷ କୋଟି ଟଙ୍କାର ବୃହତ ପୁଞ୍ଜିନିବେଶରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ଦେଶର ସର୍ବବୃହତ ଷ୍ଟିଲ ପ୍ଲାଂଟ୍ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ରାଜ୍ୟର ବିକାଶରେ ନୂଆ ଅଧ୍ୟାୟ ଖୋଲିବ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆର୍ସେଲର ମିତଲ ନିପନ୍ ଷ୍ଟିଲର ୧.୦୨ ଲକ୍ଷ କୋଟି ଟଙ୍କାର ବୃହତ ପୁଞ୍ଜିନିବେଶ ସହ ପ୍ରସ୍ତାବିତ ବାର୍ଷିକ ୨୪ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପାଇଁ ଓଡ଼ିଶା ସରକାର ଆବଶ୍ୟକ ଅନୁମତି ମଞ୍ଜୁର କରିଥିବା ଜାଣି ଖୁସି ହେଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପୂର୍ବୋଦୟ ଏବଂ ଆତ୍ମନିର୍ଭର ଭାରତ କଳ୍ପନା ଏବଂ ଇସ୍ପାତ୍ ନୀତି ଦ୍ୱାରା ଏହି ବୃହତ କାରଖାନା କେନ୍ଦ୍ରାପଡ଼ା ଜିଲ୍ଲା ସମେତ ରାଜ୍ୟର ବିକାଶରେ ନୂଆ ଅଧ୍ୟାୟ ଖୋଲିବ ଏବଂ ଯୁବପିଢିଙ୍କ ପାଇଁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଇସ୍ପାତ୍ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ପର୍ଯ୍ୟାୟରେ ଆର୍ସେଲର ମିତଲର ମୁଖ୍ୟ ଏଲ.ଏନ ମିତଲ ଏବଂ ଆଦିତ୍ୟ ମିତଲଙ୍କ ସହ ଆଲୋଚନା କରିବା ଅବସରରେ କେନ୍ଦ୍ରାପଡ଼ାରେ ସର୍ବବୃହତ ଇସ୍ପାତ୍ କାରଖାନା ନିର୍ମାଣ ପାଇଁ ଯୋଜନା ଆରମ୍ଭ ହୋଇଥିଲା।

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# କାଳିପ୍ରସାଦ ସ୍ମୃତିରେ ଅସହାୟ ଜରାଗ୍ରସ୍ତଙ୍କୁ କମ୍ବଳ ବଂଟନ



ଭୁବନେଶ୍ୱର (ପିଏନ୍): ବୌଦ୍ଧିକ ସମାବେଶ ଓଡିଶା ଓ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ ବମିଖାଲର ମିଳିତ ଆନୁକୂଲ୍ୟରେ ଡେରାଶ ନିକଟ, କଂଟାବାଡ ଗ୍ରାମରେ ମହାନ୍ ସମାଜସେବୀ ଶିକ୍ଷାବିତ୍ ସ୍ୱର୍ଗତଃ କାଳିପ୍ରସାଦ ସାମନ୍ତରାୟଙ୍କ ୫୯ତମ ଜୟନ୍ତୀ ଉପଲକ୍ଷେ ଅସହାୟ, ଜରାଗ୍ରସ୍ତ, ଦୁଃସ୍ଥ କରିବାର ବର୍ଗଙ୍କୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କମ୍ବଳ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସଭାପତି, ଭାଷାବିତ୍ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ଓ ସମସ୍ତେ ନିଜ ନିଜ ସ୍ତରରେ ସାମାଜିକ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ବୌଦ୍ଧିକ ସମାବେଶର ଉପସଭାପତି ତଥା ସାମ୍ବାଦିକ ସୌଭାଗ୍ୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସ୍ୱର୍ଗତଃ କାଳିପ୍ରସାଦ ଆଦର୍ଶରେ ଅନୁପ୍ରାଣୀତ ହେବାକୁ କହିଥିଲେ। ଗରିବ ଅସହାୟଙ୍କୁ କମ୍ପ୍ୟୁଟର ଶିକ୍ଷା, ନୈତିକ ଶିକ୍ଷା, ମାତୃଭାଷା ପାଇଁ କାର୍ଯ୍ୟ ଦରିଦ୍ର ନାରାୟଣ ସେବା ସ୍ୱାସ୍ଥ୍ୟସେବା ସାମ୍ବାଦିକତା ଶିକ୍ଷା ସହିତ ବୃକ୍ଷରୋପଣ ଓ ରକ୍ତଦାନର ସେ ମହାନ କାଣ୍ଡାରି ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନ ସଦସ୍ୟ ବିଜୟ



ପରିଡା, ଅରବିନ୍ଦ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା ଶିବ ପଟ୍ଟନାୟକ କରିଥିଲେ। ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ କମଳଲୋଚନ ବିଶ୍ୱାଳ (ସଭାପତି), ସାମ୍ବାଦିକ ସୌଭାଗ୍ୟ ମହାନ୍ତି (ଉପସଭାପତି), ଲିଙ୍ଗରାଜ କାର୍ତ୍ତା (ସାଧାରଣ ସମ୍ପାଦକ), ରାହୁଲ କୁମାର (ସମ୍ପାଦକ), ସାମ୍ବାଦିକ ବିମଳ କୁମାର ପ୍ରଧାନ (ମୁଖପାତ୍ର), ଶରତ କୁମାର ରାଉତ (କୋଷାଧକ୍ଷ), ସ୍ମାରକ ସାମନ୍ତରାୟ, ଜଗତବଲ୍ଲଭ ମହାରଥା, ପିୟୁଷୁ କୁମାର ସ୍ୱାଇଁ, ଋତୁରାଜ ପଟ୍ଟନାୟକ (ଆଇନଜୀବୀ), ସଂଜୀବ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ଜଗନ୍ନାଥ ବିଶ୍ୱାଳ, ମାନସ ଦାଶ, ସୁନୀଲ କୁମାର ନାୟକ, ସୁବ୍ରତ କୁମାର, ପ୍ରଦୀପ୍ତ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପରିଡା, ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

ଧର୍ମଶାଳା (ପିଏନ୍) : ଧର୍ମଶାଳା ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୭ତମ ବାର୍ଷିକ ଉତ୍ସବ ଚଳିତ ମାସ ୧୨ ତାରିଖରେ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ୨୦୨୦ ଓ ୨୦୨୧ ପାଇଁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ଘୋଷଣା କରାଯାଇଛି। ଏହି ଉତ୍ସବରେ ଉଦଘାଟକ ଭାବେ ଲୋକସେବକ ମଣ୍ଡଳର ଉପସଭାପତି ନିରଂଜନ ରଥ, ମୁଖ୍ୟ ଅତିଥି ଭାବେ କବି ଓ ଅବସରପ୍ରାପ୍ତ ପ୍ରଶାସକ ଡ. ରବିନାରାୟଣ ସେନାପତି, ଅତିଥି ଭାବେ କବୟତ୍ରୀ ତଥା ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇଥିଲେ। ଏଥିରେ କବି ନିତ୍ୟାନନ୍ଦ ନାୟକଙ୍କୁ ଗୋକର୍ଣ୍ଣିକ ପୁରସ୍କାର, ପ୍ରଫେସର ସମର ମୁଦାଲିଙ୍କୁ ଗୋକର୍ଣ୍ଣିକ ନାଟକ ପୁରସ୍କାର , ୨୦୨୦ବର୍ଷ ପାଇଁ ପ୍ରବନ୍ଧ ସମ୍ମାନ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କବିତା ସମ୍ମାନ ରକ୍ଷକ ନାୟକ, ଗୀତି କବିତା ସମ୍ମାନ ମନୋଜ କୁମାର ମହାନ୍ତି, ଗଳ୍ପ ସମ୍ମାନ ଆର୍ତତ୍ରାଣ ମହାପାତ୍ର, କଥାକାର ସମ୍ମାନ ରାମଚନ୍ଦ୍ର ଦାସ, ୨୦୨୧ବର୍ଷ ପାଇଁ ସାମ୍ବାଦିକତା ସମ୍ମାନ ପ୍ରାଚୀ ମହାପାତ୍ର, ଗଳ୍ପ ସମ୍ମାନ କେଶବ ଚନ୍ଦ୍ର ରାଉତରାୟ, କଥାକାର ସମ୍ମାନ ସୁଜାତା ମହାପାତ୍ର, ବାଗ୍ମୀ ସମ୍ମାନ ମହେନ୍ଦ୍ର କୁମାର ପଟ୍ଟନାୟକ, ନାଟକ ସମ୍ମାନ ଡ. ବିଧୁଭୂଷଣ ପଣ୍ଡା, ଲେଖିକା ସମ୍ମାନ ଡ. ଦିପ୍ତିମୟୀ ବେହେରା, କବିତା ସମ୍ମାନ ସୁବ୍ରତ ଦାସ, ଶିକ୍ଷାବିତ ସମ୍ମାନ ଯୁଗପ୍ରଭା ସାବତ, ସଂସଦ ସମ୍ମାନ ଦୀନବଂଧୁ ପଣ୍ଡା, ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ରବିନ୍ଦ୍ର ନାଥ ମାଝି, ଶିଶୁ ସାହିତ୍ୟ ସମ୍ମାନ ପ୍ରଶାସନ କୁମାର ସାହୁ, ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ପ୍ରଫେସର ଡ. ମନୋରଂଜନ ପ୍ରଧାନ, ସ୍ମୃତି ସମ୍ମାନ ଡ. ସନ୍ତୋଷ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିବା ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷିକେଶ ସାମଲ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଟାଟାଷ୍ଟିଲ ଦ୍ୱାରା ମୁର୍ଗାବେଡାଠାରେ ଲୋକାର୍ପିତ ହେଲା ଗୋଷ୍ଠୀ କେନ୍ଦ୍ର




ଯୋଡା (ପିଏନ୍)-କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଦେଓଝର ପଂଚାୟତ ମୁର୍ଗାବେଡାଠାରେ ଏକ ଗୋଷ୍ଠୀ କେନ୍ଦ୍ର ଗତ ବୁଧବାର ଦିନ ଉଦଘାଟନ କରାଯାଇଛି। ଦେଓଝର ପଂଚାୟତକୁ ଯୋଡା ପଂଚାୟତରେ ଏକ ନମ୍ବର କରିବା ପାଇଁ ଏଠିକାର ସରପଂଚ ମଙ୍ଗଳ ମୁଣ୍ଡା ଏବଂ ସମିତିସଭ୍ୟ ଯୁଧିଷ୍ଠିର ପଲେଇ ସର୍ବଦା ତତ୍ପର ହୋଇ କାର୍ଯ୍ୟ ସଂପାଦନ କରିଆସୁଥିବା ବେଳେ କିଛିମାସ ଆଗରୁ ଏହି ପଂଚାୟତରେ ଏକ ଗୋଷ୍ଠୀକେନ୍ଦ୍ରର ଆବଶ୍ୟକତା ରହିଥିବା ନେଇ ଟାଟାଷ୍ଟିଲକୁ ଚିଠି ମାଧ୍ୟମରେ ଜଣାଇଥିଲେ। ତେବେ ଟାଟାଷ୍ଟିଲ ଏହାର ଆବଶ୍ୟକତାକୁ ଉପଲବ୍ଧି କରି କିଛିଦିନ ପୂର୍ବେ ଏହାର ଶୁଭପକାଇ କାର୍ଯ୍ୟ ଆରମ୍ଭ କରିବା ସହ ବୁଧବାର ଦିନ ଏହାର ଉଦଘାଟନ କରାଯାଇ ଗ୍ରାମବାସୀ ନିମନ୍ତେ ହସ୍ତାନ୍ତର କରାଯାଇଛି। ଏହି ଉଦଘାଟନି ଉତ୍ସବରେ ଟାଟାଷ୍ଟିଲ କାଟାମାଟି ଖଣିର ମୁଖ୍ୟ ଶିରିଷ ଶେଖର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ସାମାଜିକ ଦାୟିତ୍ୱ ନିର୍ବାହ ଅଧିକାରୀ ଅନିଲ ଓରାମ, ଦେଓଝର ସରପଂଚ ମଙ୍ଗଳ ମୁଣ୍ଡା, ସମିତି ସଭ୍ୟ ଯୁଧିଷ୍ଠିର ପଲେଇ, ବୀର ନାଏକ, ଆଦିବାସୀ ନେତା ବିମଲ ମୁଣ୍ଡା ଏବଂ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଗୋଷ୍ଠୀକେନ୍ଦ୍ର ଦ୍ୱାରା ମୁର୍ଗାବେଡାବାସୀ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟ ସଂପାଦନ କରିପାରିବେ ବୋଲି ସରପଂଚ, ସମିତି ସଭ୍ୟ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜୟମଙ୍ଗଳ ଦଳବେହେରାଙ୍କ ପରଲୋକ



ଖୋର୍ଦ୍ଧା (ପିଏନ୍): ଇତିହାସ ପ୍ରସିଦ୍ଧ ଜୟମଙ୍ଗଳ ଗ୍ରାମର ଦଳବେହେରା, କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ତଥା ସାରୁଅ-ପଂଚୁପଲ୍ଲୀ ବାଉତି ବିଦ୍ୟାପୀଠର ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କର ୭୫ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଡାକ୍ତରଖାନାରୁ ତାଂକ ମୃତଶରୀରକୁ ସାମନ୍ତରାପୁର ସ୍ଥିତ ବାସଭବନ ତଥା ଜୟମଙ୍ଗଳସ୍ଥିତ ବାସଭବନକୁ ଅଣାଯାଇ ଶ୍ରଦ୍ଧାଂଜଳି ଅର୍ପଣ କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବିନୋଦିନୀ, ପୁତ୍ର ଜ୍ୟୋତିରଂଜନ, ଦୀପ୍ତିରଂଜନ ଓ ଆଦିତ୍ୟରଂଜନ ଉପସ୍ଥିତ ଥିଲେ। ତାଂକ ମୃତ୍ୟୁରେ ଗ୍ରାମବାସୀ, ପଂଚୁପଲ୍ଲୀ ବାଉତି ବିଦ୍ୟାପୀଠ ତଥା କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଉପଦେଷ୍ଟା ଭୀମସେନ ପ୍ରଧାନ, ଇଂ ଶିଶିର କୁମାର ନାୟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରଫୁଲ୍ଲ ସାମନ୍ତରାୟ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ଅଣଜଙ୍ଗଲ ଜମି କରିବା ନିମନ୍ତେ ଗ୍ରାମସଭା




ଯୋଡା (ପିଏନ୍)- ଗୁଆଲି ଗ୍ରାମର ତିନିଗୋଟି ୱାର୍ଡକୁ ନେଇ ଗୁଆଲି ଠାକୁରାଣୀ ମଣ୍ଡପ ନିକଟରେ ଗୁଆଲି ଲୌହଖଣିପାଇଁ ଗୁଆଲି ଗ୍ରାମ ଅନ୍ତର୍ଗତ ୫୭,୩୬୪ ହେକ୍ଟର ଏବଂ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ୩୦,୬୫୭ ହେକ୍ଟର ଜଙ୍ଗଲଜମିକୁ ଅଣଜଙ୍ଗଲ ଜମି କରି କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ଗ୍ରାମବାସୀଙ୍କଏକ ସ୍ୱୀକୃତି ନିମନ୍ତେ ଗ୍ରାମସଭା ବୈଠକ ହୋଇଥିଲା। ଉକ୍ତ ଖଣିଟି ପ୍ରଥମେ ଆରପି ସାଓ ଦ୍ୱାରା ପରିଚାଳିତ ହେଉଥିଲା। ଲିଜ ଅବଧ୍ ପରେ ଏହି ଖଣିକୁ ଓଏମସି କାର୍ଯ୍ୟ କରୁଅଛି। ଏହି ଖଣିରୁ ଅଧିକ ଉତ୍ତୋଳନ ପାଇଁ ଜଙ୍ଗଲଜମିର କିସମ ପରିବର୍ତ୍ତନ କରିବାକୁ ପଡୁଥିବାରୁ ଗୁଆଲିଠାରେ ଏବଂ ପଣ୍ଡୁଲିପଶି ଗ୍ରାମରେ ଗ୍ରାମସଭା ବୈଠକ ହୋଇଥିଲା। ଗୁଆଲିରେ ସମୁଦାୟ ୩୧ ଜଣ ଜଙ୍ଗଲଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରି କଣି ଖନନ ସକାଶେ ମତ ରଖିଥିଲେ। ସେହିପରି ପଣ୍ଡୁଲିପଶି ଗ୍ରାମର ୫୮,୦୫୪ ହେକ୍ଟର ଏବଂ ସିଦ୍ଧ ମଠ ୩୦,୬୫୭ ହେକ୍ଟର ଜଙ୍ଗଲଜମିକୁ ଅଣଜଙ୍ଗଲଜମିରେ ପରିବର୍ତ୍ତନ କରି ଖଣି ଖନନ କାର୍ଯ୍ୟରେ ବ୍ୟବହୃତ ପାଇଁ ଗ୍ରାମସଭା ହୋଇଥିଲା। ଗ୍ରାମସଭାରେ ସମସ୍ତଙ୍କ ମୁହଁରୁ ଗାଁରେ ଥିବା ପାନୀୟ ଜଳର ସଂକଟ , ରାସ୍ତା ଘାଟ, ଶିକ୍ଷା ବ୍ୟବସ୍ଥାର ଶୋଚନୀୟ ଅବସ୍ଥାର ସୁଧାର, ବେକାର ଯୁବକ ଯୁବତୀଙ୍କୁ ଥଇଥାନ, ଖଣିରେ ଯୋଗ୍ୟତା ଭିତ୍ତିକ ନିଯୁକ୍ତି, ପରିବହନ, ଲୋଡିଙ୍ଗ, ଅନଲୋଡିଙ୍ଗ ପ୍ରସ୍ତାବ ରଖିଥିଲେ। ଏହି ସଭାକୁ ପଂଚାୟତର ଭିଏଲଡବ୍ଲୁ ରାଧାକାନ୍ତ ବେହେରା ପରିଚାଳନା କରିଥିଲେ। ଏହି ଗ୍ରାମ ସଭାରେ ରୁଗୁଡି ବନପାଳ ଅକ୍ଷୟ କୁମାର ମହାନ୍ତି, ଗୁଆଲୀ ସରପଂଚ ପଦ୍ମାବତୀ ନାଏକ, ଜୋଡା ସମାଜ ମଙ୍ଗଳ ଅଧିକାରିଣୀ ସୁଲତା ପ୍ରଧାନ, ଭଦ୍ରାସାହି ଆର ଆଇ ପ୍ରକାଶ କୁମାର ପ୍ରଧାନ ଯୋଗଦେଇ ଗ୍ରାମସଭା କରିଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ଦ ବାର୍ଡ଼ସ୍'




ଭୁବନେଶ୍ୱର (ପିଏନ୍): ରାତି ପାହିଲେ କାଉର କା' କା' ଡ଼ାକରେ ଭାଙ୍ଗୁଥିଲା ନିଦ। କାଉକୁ ନେଇ ଚଟଶାଳୀ ବହିରେ ଏକ ସୁନ୍ଦର ଗୀତ ବି ରଚନା କରାଯାଇଛି। ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ। କିନ୍ତୁ ଏବେ ସକାଳ ହେଲେ ଆଗ ପରି ଆଉ କାଉର ରାବ ଶୁଭୁନାହିଁ। ପରିତ୍ୟକ୍ତ ଖାଦ୍ୟ ସ୍ଥାନରେ ଅସଂଖ୍ୟ କାଉ ରୁଣ୍ଡର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। ସେହିପରି ପରିବେଶକୁ ପରିଚ୍ଛନ୍ନ ରଖୁଥିବା ବିଶାଳ ପକ୍ଷୀ ଶାଗୁଣା ପଲ ପଲ ହୋଇ ବସୁଥିଲେ ମଶାଣୀ ଓ ତାଳଗଛ ଉପରେ। ଏବେ ପଶୁଙ୍କର ଶବ ଦିନ ଦିନ ଧରି ପଡ଼ିରହୁଛି ମଶାଣି ପଦାରେ। ଆଉ ଦେଖିବାକୁ ମିଳୁନି ଶାଗୁଣା। ସେହିଭଳି ପକ୍ଷୀ ଜଗତର ସ୍ଥପତି ବାଇଚଢେଇ ଏବେ ବସା ବାନ୍ଧିବାକୁ ପାଉନାହିଁ ବଡ଼ ବଡ଼ ତୋଳ, ବର, ନଡ଼ିଆ ଗଛ। ଗାଁ ଦାଣ୍ଡ ଓ ଅଗଣାରେ କିଚିରି ମିଚିରି କରୁଥିବା ଘର ଚଟିଆର ଶବ୍ଦ ଏବେ ଆମ ସ୍ମୃତିରେ। କେବଳ କାଉ କିମ୍ବା ଶାଗୁଣା ନୁହେଁ ଆମ ପରିବେଶରୁ ଉଭାନ ହୋଇଗଲେଣି ଘରଚଟିଆ, ଶଙ୍ଖଚିଲ, ପାରା, ମାଛରଙ୍କା ଚଢେଇ, କଜଳପାତି, ହଳଦୀ ବସନ୍ତ ପରି ଅନେକ ପକ୍ଷୀ। ଏସବୁ କେବଳ ପରିବେଶର ପ୍ରତିକୂଳ ଅବସ୍ଥାକୁ ହିଁ ଆମେ ଦାୟୀ କରୁଛେ। ଜୈବ ବିବିଧତାର ସୁରକ୍ଷା ଓ ଜୀବଜଗତର ସନ୍ତୁଳନ ପାଇଁ ଏମାନଙ୍କ ଉପସ୍ଥିତି ନିତାନ୍ତ ଜରୁରୀ। ବିଲୁପ୍ତ ହୋଇଯାଉଥିବା ପକ୍ଷୀମାନଙ୍କୁ ନେଇ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ସାତବର୍ଷର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ ଚିନ୍ତାପ୍ରକଟ କରିବା ସହ ନିଜେ ରଙ୍ଗ ତୂଳୀରେ ଲୋପ ପାଇଯାଉଥିବା ପକ୍ଷୀମାନଙ୍କର ସୁରକ୍ଷା ଲାଗି ଜନସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ପକ୍ଷୀମାନଙ୍କ ଚିତ୍ର ଆଙ୍କିଛନ୍ତି। ଚିତ୍ରରେ ତଳେ ଇଂରାଜୀ ଭାଷାରେ ମନଛୁଆଁ ସ୍ଲୋଗାନ ବି ରହିଛି। ଯଥା-ସେଭ୍ ଦ ସ୍ପାରୋଜ, ବାର୍ଡ଼ସ୍ ଆର୍ ଗଡ୍‌ସ ନାଚୁରାଲ୍ ଡ୍ରୋନ୍‌ସ, ମେକ୍ ଏ ରିଭୋଲ୍ୟୁସନ, ଟୁ ରିଡ୍ୟୁସ୍ ରାଡ଼ିଏସନ୍, ଲେଟସ୍ ସେଭ୍ ଦିଜ୍ ଲିଟିଲ୍ ଆଞ୍ଜେଲ୍, ଦ ବାର୍ଡ଼ସ୍ ଆର ଦି ଷ୍ଟାରସ୍ ଅଫ୍ ଆୱାର ନେଚର, ଇତ୍ୟାଦି। ଚିତ୍ରଗୁଡ଼ିକୁ ଗ୍ରୀନ୍‌ୱାଲ୍‌ରେ ଶାନ୍ତନୁ ପ୍ରଦର୍ଶିତ କରିବା ସହ ଚିତ୍ରକଳା ପ୍ରଦର୍ଶନୀର ନାମ 'ଦ ବାର୍ଡ଼ସ୍' ରଖିଛନ୍ତି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅରିଶଳର ଦ୍ୱିତୀୟ ଶ୍ରେଣୀର ଛାତ୍ର। ପିତା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ଚିନ୍ତାଧାରାରେ ଶାନ୍ତନୁ ପ୍ରଭାବିତ ହୋଇ ପରିବେଶଧର୍ମୀ ଚିତ୍ର ବିଭିନ୍ନ ସମୟରେ ଆଙ୍କୁଥିବାର ଜଣାପଡ଼ିଛି। କଅଁଳ ବୟସରେ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି।

# DISPLAY CLASSIFIED


**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS/ASTROLOGERS/VASTU EXPERTS ?

Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


# ନୟାକୋଟ ଘୋଡ଼ାଡ଼ିଲ ପାହାଡ଼ରେ ବେଆଇନଭାବେ ଧାର୍ଯ୍ୟଠାରୁ ଅତ୍ୟଧିକ ପଥର ଉତ୍ତୋଳନ ଅଭିଯୋଗ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନସ୍ଥ ଓଳସିଂହ ପଞ୍ଚାୟତ ନୟାକୋଟ ମୌଜାରେ ଥିବା ଘୋଡ଼ାଡ଼ିଲ ପାହାଡ଼ରୁ ବର୍ତ୍ତମାନ ରାଜସ୍ୱ ବିଭାଗର ଧାର୍ଯ୍ୟଠାରୁ ଢେରଗୁଣରେ ପଥର ଖୋଳାଯାଉଥିବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିବାର ଜଣାପଡ଼ିଛି। ଏହି ପାହାଡ଼କୁ ନିଲାମ ନ କରିବା ପାଇଁ ଏହି ଅଞ୍ଚଳ ତରଫରୁ ପୂର୍ବରୁ ବହୁ ଅଭିଯୋଗ ହୋଇଥିଲେ ବି ଟାଙ୍ଗୀ ତହସିଲ ପକ୍ଷରୁ ୨୦୧୮ ମସିହା ଅକ୍ଟୋବର ୨୩ରେ ନୋଟିସ ନଂ ୩୨୬୦ ମାଧ୍ୟମରେ ମୌଜା ନୟାକୋଟ ଖାତାନଂ ୨୯୩ ,ପ୍ଲଟ - ୬୮୫ , ଏରିଆ ୨ଏ.୪୬୦ ଡ଼ି ବାର୍ଷିକ ୩୦୦୦ କ୍ୟୁ. ମିଟର ଖୋଳିବା ପାଇଁ ନିଲାମ କରାଯାଇଥିଲା। ଏହି ନିଲାମକୁ ଏକ ଘରୋଇ କମ୍ପାନୀ ପାଇ କଳାମୁଗୁନି ପଥର ଉତ୍ତୋଳନ କରିବାକୁ ଗତ ୨୦୨୦ ମସିହା ଏପ୍ରିଲ ମାସରୁ କ୍ଷମତା ପାଇଥିଲା। ପରେ ଉକ୍ତ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ଉକ୍ତ ପାହାଡ଼ ଖନନ ଦ୍ୱାରା ନିଜର ଥିବା ଚାଷଜମି ଉପରେ ପ୍ରଭାବ ପଡ଼ିବ ଓ ଫସଲ ନଷ୍ଟ ହେବ ବୋଲି ଅଭିଯୋଗ କରି ଧମକାଇ ଉକ୍ତ ନିଲାମଧାରୀଙ୍କ ସହ ସିଂହଭାଗ ଭାଗିଦାରୀ ହେବାରେ ସଫଳ ହୋଇଥିଲେ। ଏମାନେ ବି ପୂର୍ବରୁ ଏହି ପାହାଡ଼ ସେମାନଙ୍କର ବୋଲି ଦାବୀ କରି ଏଠାରୁ ପଥର ଉତ୍ତୋଳନ କରୁଥିବାର ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଚୋରୀ ରୋକିବା ପାଇଁ ତହସିଲଦାରଙ୍କ ତରଫରୁ ବାର୍ଷିକ ୩୦୦୦ କ୍ୟୁ.ମି ନିଲାମରେ ଟେଣ୍ଡର କରିଥିଲେ ବି ଦେଢବର୍ଷରେ ଦୈନିକ ବହୁ ଅତ୍ୟଧିକ ଅର୍ଥାତ ଲକ୍ଷାଧିକ କ୍ୟୁ ମିଟର ପଥର ଉତ୍ତୋଳନ କରାଯାଇ ୧୦୦ଫୁଟ ଉପରୁ ୧୦୦ଫୁଟ ତଳକୁ ଖୋଳା ଯାଇଥିବାର କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସ୍ଥାନୀୟ ଅସାମାଜିକ ବ୍ୟକ୍ତିମାନେ ମଧ୍ୟ ନିଜ କବଜାରେ ରାଜସ୍ୱ ବିଭାଗ ରହିଛି ଯାହା ଚାହିଁବେ ତାହା କରିବେ ବୋଲି ମଧ୍ୟ କହୁଥିବା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ତେଣୁ ଉକ୍ତ ଖୋଳା ଯାଇଥିବା ପାହାଡ଼ ଅଞ୍ଚଳକୁ ଏକ ଖଣି ମାପ ନିର୍ଦ୍ଧାରଣ ଟିମ ପଠାଇ ବାସ୍ତବ ସ୍ଥିତି ପରଖି ମାଫିଆମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ଟାଙ୍ଗୀ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରେ ସେ କହିଥଲେ ଏହି ପାହାଡ଼ ନିଲାମ ଦିଆଯାଇଛି କିନ୍ତୁ ଏପରି ଅଭିଯୋଗ ଆମ ପାଖରେ ପହଞ୍ଚିନାହିଁ । ଆମେ ଅଭିଯୋଗ ପାଇଲେ ଏହାର ତଦାରଖ କରିବୁ।

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା




ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖା ପକ୍ଷରୁ 'ଦେଶାତ୍ମବୋଧ ଓ ରାଷ୍ଟ୍ରଗଠନ' ସମ୍ପର୍କରେ ଏକ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସି.ୱାଇ.ଏସ୍.ଡ଼ି ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସି.ୱାଇ.ଏସ୍.ଡ଼ି.ର ସହ ପ୍ରତିଷ୍ଠାତା ଡ. ଜଗଦାନନ୍ଦ, ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ଆଞ୍ଚଳିକ ନିର୍ଦ୍ଦେଶିକା ରୀତା ଭଗତ, ଉପ-ନିର୍ଦ୍ଦେଶକ ବିମଳ ପାଟ୍ରିକ୍ ଶାହା, ଜିଲ୍ଲା ଯୁବ ଅଧିକାରୀ ବିପିନ କୁମାର ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଜାତୀୟ ସେବା ଯୋଜନାର ଅଧିକାରୀ ରଘୁନାଥ ମଣ୍ଡଳ, ଭୁବନେଶ୍ୱର ବ୍ଲକର ଅବସରପ୍ରାପ୍ତ ଶିକ୍ଷା ସହାୟକ ଅଧିକାରୀ ବିଧୂଭୂଷଣ ପଟ୍ଟନାୟକ, ସଂଗଠନର ଉପନିର୍ଦ୍ଦେଶକ ବିମଳ ପାଟ୍ରିକ୍ ଶାହା ବକ୍ତୃତା ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ପ୍ରତିଯୋଗିତାରେ ଅନୁଗୁଳର ଖୁସି ରାୟ ପ୍ରଥମ, ବରଗଡ଼ ଜିଲ୍ଲାର ରାଣୀ ମିଶ୍ର ଦ୍ୱିତୀୟ ଏବଂ ଢେଙ୍କାନାଳ ଜିଲ୍ଲାର ପ୍ରୀତିଶା ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶାର ୩୦ଟି ଜିଲ୍ଲାରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ୩୦ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରବେଶ କରିବାର ସୁଯୋଗ ପାଇଥିଲେ। ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି ବୋଲି ସଂଗଠନର ସହ ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂହ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ସଂଗଠନର କୈଳାସ ଚନ୍ଦ୍ର ମହାନ୍ତି, କୁଳମଣି ମଲ୍ଲିକ, ଶଶାଙ୍କ ଶେଖର ମହାପାତ୍ର, ଶୁଭେନ୍ଦ୍ରନାଥ ସାହୁ, ତାପସ କୁମାର ସାହୁ, ପ୍ରଫୁଲ୍ଲ କୁମାର ଡ଼ାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜଜାଙ୍ଗ ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ଦୁର୍ନୀତି ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ରାଜ୍ୟ ବିହନ ନିଗମ ପକ୍ଷରୁ କେନ୍ଦ୍ରାପଡାର ଜଜାଙ୍ଗ ଠାରେ ଖୋଲାଯାଇଥିବା ବିହନ ପ୍ରକ୍ରୀୟାକରଣ କେନ୍ଦ୍ରରେ ମହାଦୁର୍ନୀତି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହି ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ଥିବା ହଜାର ହଜାର ପ୍ୟାକେଟ ବିହନ ବିଶୋଧକ 'ଥୀରନ'ର ସମୟ ଅବଧି ପୁରିଯାଇଥିବା ବେଳେ ସେହି ଥୀରନ ପ୍ୟାକେଟକୁ ଚାଷୀମାନଙ୍କୁ ବିକ୍ରୀ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସେହି ଥୀରନ ପ୍ୟାକେଟ ଉପରେ ସମୟ ଅବଧି ତା୧୫.୦୯.୨୦୧୮ ସୁଦ୍ଧା ପୂରଣ ହୋଇଯାଇଥିବା ଲେଖାଥିବା ବେଳେ ସେସବୁକୁ ନଷ୍ଟ କରିଦିଆଯିବା କଥା। କିନ୍ତୁ ସେସବୁ ପ୍ୟାକେଟକୁ ଚାଷୀଙ୍କୁ ବିକ୍ରୀ କରାଯାଉଛି। ଏଭଳିକି ସେହି ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ବାହାରେ ଖୋଲାରେ ପଡିଥିବା ଏବଂ ସମୟ ଅବଧି ପୁରଣ ହୋଇଯାଇଥିବା ପ୍ୟାକେଟକୁ କେତେକ ବୁଲା ଗୋରୁଗାଈ ଖାଉଥିବା ଦେଖାଯାଇଛି। ସେହି ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ପ୍ରମୋଦ ବେହେରାଙ୍କୁ ଚାଷୀମାନେ ଏ ସମ୍ପର୍କରେ ଅଭିଯୋଗ କରିଥିଲେବି ସେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନଙ୍କ ପକ୍ଷରୁ କୈଳାସ ସାହାଣୀ, ଶୁକଦେବ ଜେନା, ବୀରେନ୍ଦ୍ର ସାହୁ, ଗୌରାଙ୍ଗ ସାହୁ, ନରହରି ଜେନା, ରବୀନ୍ଦ୍ର ସାମଲ, ଚନ୍ଦ୍ରମଣୀ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।




# ପିଇଆଇଡିସି କାର୍ଯ୍ୟାଳୟରେ ଜେଏସ୍.ଡବ୍ଲ୍ୟୁ ଉତ୍କଳର ନିର୍ଦ୍ଦେଶକ- ସ୍ଥାନୀୟ ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ପାଇଁ ଦାବିକୁ ସ୍ୱାଗତ

ପାରାଦୀପ, (ପି.ଏନ): ପାରାଦୀପ ନିକଟରେ ପ୍ରସ୍ତାବିତ ଜେଏସ୍.ଡବ୍ଲ୍ୟୁ ଉତ୍କଳ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଜୋରଦାର ଉଦ୍ୟମଜାରୀ ରହିଛି । ଅପରପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତମାନଙ୍କ ନିମନ୍ତେ କ୍ଷତିପୂରଣ ଘୋଷଣା ମଧ୍ୟ ଜାରୀ କରିଛି । କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଏରସମା ବ୍ଲକ୍ ଏବଂ ଜଗତସିଂହପୁର ଜିଲ୍ଲାରୁ ହଜାରେ ଯୁବକ ଯୁବତୀମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଜିନ୍ଦଲର କାର୍ଯ୍ୟକାରୀ ଥିବା ଅନ୍ୟାନ୍ୟ ଶିଳ୍ପଗୁଡିକରେ ନିଯୁକ୍ତି ପ୍ରଦାନ କରିବା ପାଇଁ ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦ ପକ୍ଷରୁ ଦାବୀ କରାଯାଇଥିଲା । ସମ୍ପ୍ରତି ନିକଟରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବାର ପ୍ରକ୍ରିୟାକୁ ତ୍ୱରନ୍ୱିତ କରିଛି ଜେଏସ୍.ଡବ୍ଲ୍ୟୁ । ଏହାକୁ ସ୍ୱାଗତ କରିଛନ୍ତି ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦର ସଭାପତି ଅରିନ୍ଦମ ସାର୍ଖେଲ୍ । ସ୍ଥାନୀୟ ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କର ସାକ୍ଷାତକାର ନିଆଯାଇଛି । ଯୋଗ୍ୟ ବିବେଚିତମାନଙ୍କୁ କମ୍ପାନୀ ନିଜ ଖର୍ଚ୍ଚରେ ତାଲିମ ନିମନ୍ତେ ପଠାଇବ । ଜେଏସ୍.ଡବ୍ଲ୍ୟୁର ନିର୍ଦ୍ଦେଶକ ରଂଜନ ନାୟକ ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦ କାର୍ଯ୍ୟାଳୟକୁ ଆସି ଶ୍ରୀ ସାର୍ଖେଲଙ୍କୁ ଭେଟି ଥିଲେ । ଦୁହିଁଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା । ଶ୍ରୀ ସାର୍ଖେଲ କମ୍ପାନୀ ସେମାନଙ୍କ ଦାବୀକୁ ମାନି ନେଇଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ପ୍ରକଳ୍ପ ଅଂଚଳର ଯୁବତୀ ଓ ମହିଳାମାନେ କିପରି ରୋଜଗାରକ୍ଷମ ହୋଇପାରିବେ ଏବଂ ଆତ୍ମନିର୍ଭରଶୀଳ ହୋଇପାରିବେ, ସେଥିପାଇଁ ପ୍ରକଳ୍ପ ଅଂଚଳରେ ଏକ ଟେକ୍ସଟାଇଲ୍ ପାର୍କ ନିର୍ମାଣ ପାଇଁ ସେ ଦାବୀ ରଖିଥିବା ଶ୍ରୀ ସାର୍ଖେଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଆଇଆଇଟି ଖଡ଼ଗପୁରର ସମାବର୍ତ୍ତନ ସମାରୋହ

ଖଡ଼ଗପୁର/ଭୁବନେଶ୍ୱର, : ଆଇଆଇଟି ଖଡ଼ଗପୁର ଭଳି ଅଧିକାଂଶ ନବସୃଜନକୁ ଗୁରୁତ୍ୱ ଦେଉଥିବା ଛାତ୍ରଛାତ୍ରୀମାନଙ୍କର ଚିନ୍ତାଧାରା "ମୋ ଇନୋଭେସନ କେବଳ ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁଲାଭ ଦେଉ", ଏଭଳି ହେବା ଦରକାର ବୋଲି ଶନିବାର ଆଇଆଇଟି ଖଡ଼ଗପୁରର ୬୭ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।ଅନେକ ସ୍ନାତକ ଆଇଆଇଟି ଛାତ୍ରଛାତ୍ରୀଙ୍କୁ ପଦକ ଓ ପୁରସ୍କାର ବିତରଣ କରିବା ସହ ଏହି ଅବସରରେ ଇନୋଭେସନର ଯଥାର୍ଥକୁ ଗୁରୁତ୍ୱ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଇଆଇଟି ଛାତ୍ରଛାତ୍ରୀମାନେ ଗରିବ କଲ୍ୟାଣ, ରୋଜଗାର ବୃଦ୍ଧି, ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ ନୂଆ ନୂଆ ଇନୋଭେସନ ଆଣିବା ଦରକାର । ଅସହାୟଙ୍କୁ ସଶକ୍ତ କରିବା ଏବଂ ସମଗ୍ର କ୍ଷେତ୍ରରେ ବିକାଶ ତଥା ଆବଶ୍ୟକତା ଆଧାରରେ ହିଁ ଇନୋଭେସନ ହେବା ଉଚିତ୍ । ଆଇଆଇଟି ଖଡ଼ଗପୁରରୁ ପଢ଼ି ଗୁଗୁଲର ସିଇଓ ହୋଇଥିବା ସୁନ୍ଦର ପିଚାଇଙ୍କ ଭଳି ଆଇଆଇଟି ଛାତ୍ରଛାତ୍ରୀମାନେ ଏଭଳି ନେତୃତ୍ୱ ନେବାର ସ୍ୱପ୍ନ ଦେଖିବା ସହ ତାକୁ ସାକାର କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍ । ଆଇଆଇଟି ଛାତ୍ରଛାତ୍ରୀଙ୍କୁ ପୂର୍ବ ଭାରତର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିବା ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ପୂର୍ବ ଭାରତର ବିକାଶ ନହେଲେ ଭାରତକୁ ଅର୍ଥନୀତିର ମହାଶକ୍ତି କରିବାର ଲକ୍ଷ୍ୟ ସାଧିତ ହେବ ନାହିଁ । ସୂର୍ଯ୍ୟ ଯେପରି ପୂର୍ବରୁ ଉଦୟ ହୁଏ, ସେପରି ଭାବରେ ଆମକୁ ପୂର୍ବ ଭାରତକୁ ହିଁ ପ୍ରଥମେ ଗୁରୁତ୍ୱ ଦେବାକୁ ହେବ । ପୂର୍ବ ଭାରତରେ ପରିଶ୍ରମୀ ମାନବ ସମ୍ବଳ, ସୁଦୀର୍ଘ ବେଳାଭୂମି, ଅପାର ଖଣିଜ ସମ୍ପଦ ଓ ଅନେକ ସମ୍ଭାବନା ରହିଛି ।ପୂର୍ବ ଭାରତର ବିକାଶ କରିବା ଆମର ପ୍ରଥମ ଲକ୍ଷ୍ୟ ହେଉ । ସ୍ୱଳ୍ପ ମୂଲ୍ୟରେ ଅଭିନବ ବିକଳ୍ପ ଶକ୍ତି ମଡେଲ, ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନରେ ନୂତନତ୍ୱ କେବଳ ଦେଶକୁ ଅର୍ଥନୈତିକ ସଶକ୍ତିକରଣ ଏବଂ ନିଯୁକ୍ତି ସୃଷ୍ଟି କରିବ ନାହିଁ ବରଂ ଏହା ପୂର୍ବୋଦୟ ଏବଂ ଏକ ଆତ୍ମନିର୍ଭର ଭାରତକୁ ମଧ୍ୟ ଗତି ଦେବ । ସେ କହିଛନ୍ତି ଯେ ଆଇଆଇଟି ଖଡ଼ଗପୁରରେ ଐତିହ୍ୟ, ସଂସ୍କାର, ବଳିଦାନ ଓ ଶତାବ୍ଦୀର କାହାଣୀ ରହିଛି । ଗୋଟିଏ ସମୟରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡିଶା ଉପରେ କବଜା କରିଥିଲା । ଏହି ସମୟରେ ଜୟୀ ରାଜଗୁରୁ ଯୁଦ୍ଧର ରାସ୍ତାକୁ ଓହ୍ଲାଇଥିଲେ । ମାତ୍ର ଇଂରେଜମାନେ ଜୟୀ ରାଜଗୁରୁଙ୍କୁ କ୍ରୁରତାର ସହିତ ବରଗଛ ଡାଳରେ ଦୁଇ ଗୋଡକୁ ବାନ୍ଧି ଦେଇ ତାଙ୍କ ଶରୀରକୁ ଦୁଇ ଭାଗ କରି ତାଙ୍କର ହତ୍ୟା କରିଥିଲେ । ବ୍ରିଟିଶ ବିରୋଧରେ ସ୍ୱର ଉତ୍ତୋଳନ ହେବାର ଭୟ କାରଣରୁ ଇଂରେଜମାନେ ଏଭଳି ଶହୀଦ ରାଜଗୁରୁଙ୍କୁ ଅକଥନୀୟ ଭାବେ ହତ୍ୟା କରିଥିଲେ ।ମହାତ୍ମା ଗାନ୍ଧୀ ଆଫ୍ରିକାରେ ଟ୍ରେନରେ ଆସୁଥିବା ସମୟରେ ଶରୀର ବର୍ଣ୍ଣ କାରଣରୁ ତାଙ୍କୁ ଟ୍ରେନରୁ ଓହ୍ଲାଇବାକୁ କୁହାଯାଇଥିଲା । ସେହି ସମୟ ପର ଠାରୁ ସେ କରମଚାନ୍ଦ ଗାନ୍ଧୀ ମହାତ୍ମା ଗାନ୍ଧୀରେ ପରିଚିତ ହେଲେ । ଏହି କଥାକୁ ଭାବିଲେ ଏକବିଂଶ ଶତାବ୍ଦୀରେ ବିଶ୍ୱ ଅର୍ଥନୀତି କିଏ ଚଲାଇବ ବୋଲି ମନରେ ପ୍ରଶ୍ନ ଆସେ । ଯାହାଙ୍କ ପାଖରେ କିଣିବା କ୍ଷମତା ଅଛି, ପରିଶ୍ରମୀ ମାନବ ସମ୍ବଳ ଅଛି ଓ ବୌଦ୍ଧିକ ସମ୍ପନ୍ନ ନାଗରିକ ଓ ଦୂରଦୃଷ୍ଟି ସମ୍ପନ୍ନ ଜ୍ଞାନ ତଥା ସମାଜରେ ପରିବର୍ତ୍ତନ କରିବାର ଲକ୍ଷ୍ୟ ରଖିଛି, ସେ ହିଁ ଏକବିଂଶ ଶତାବ୍ଦୀରେ ବିଶ୍ୱ ଅର୍ଥନୀତିର ନେତୃତ୍ୱ ନେବ ।ଏକ ସମୟରେ ପିଇବା ପାଣି, ଖାଦ୍ୟାନ୍ନ, ବସ୍ତ୍ର ସମସ୍ତଙ୍କ ଆବଶ୍ୟକତା ଥିଲା । ମାତ୍ର ଏବେ ଉର୍ଜା ଓ ଇଂଟରନେଟ୍ ଜୀବନର ସବୁଠୁ ଦରକାରୀ ହୋଇଛି । ଭାରତ ବର୍ତ୍ତମାନ ବିଶ୍ୱରେ ତୃତୀୟ ଉର୍ଜା ଉତ୍ପାଦନକାରୀ ରାଷ୍ଟ୍ର ଥିବାବେଳେ ୨୦୩୫ ସୁଦ୍ଧା ଭାରତ ଏକ ନମ୍ବର ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର ଭାବରେ ପରିଗଣିତ ହେବ ।ସ୍ୱାଧୀନତାର ୭୫ ବର୍ଷ ତଥା ଅମୃତ ଉତ୍ସବ ପାଳନ କରିବା ବେଳେ ଆଇଆଇଟି ଖଡଗପୁରର ୬୭ ସମାବର୍ତ୍ତନ ସମାରୋହ ଆୟୋଜନ ସୌଭାଗ୍ୟର ବିଷୟ । ଦେଶ ପରିବର୍ତ୍ତନ ଆଡ଼କୁ ଗତି କରୁଥିବା ବେଳେ ଆଗାମୀ ଦିନରେ ଆଇଆଇଟି ଖଡ଼ଗପୁର ଏହାର କେନ୍ଦ୍ରବିନ୍ଦୁ ହେବ । ଅପରପକ୍ଷରେ ବର୍ତ୍ତମାନ ଦେଶରେ ୧୨୦ କୋଟିରୁ ଅଧିକ ଲୋକ କୋଭିଡ୍ ଭ୍ୟାକସିନ ନେଇଥିବା ବେଳେ ଖୁବ ଶୀଘ୍ର ଶତପ୍ରତିଶତ ଟିକାକରଣ ହେବ । ଟିକାକରଣର ତ୍ୱରାନ୍ୱିତ ହେବା ପଛରେ ଆଇଆଇଟି, ଏନଆଇଟି ଭଳି ଦେଶର ଶିକ୍ଷାନୁଷ୍ଠାନ ଏବଂ ନୂଆପିଢ଼ିଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସଂଗଠନ ମଜଭୁତ କରିବାକୁ ୫ ଜିଲ୍ଲା ବୁଲିବେ ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର: ଆସନ୍ତା ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଯୁବ କଂଗ୍ରେସ ନେତୃବର୍ଗଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଅଂଟା ଭିଡିଛି । ଏହି ଅବସରରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ଓ ପ୍ରଭାରୀ ରିୟାଜୁଲ ଅନସାରୀ ରାଜ୍ୟର ୫ ଜିଲ୍ଲା ଗସ୍ତ କରି କର୍ମୀଙ୍କ ମନୋବଳ ବଢ଼ାଇବା ସହ ତୃଣମୂଳସ୍ତରରେ ଦଳର ସାଂଗଠନିକ କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ କାଳରେ ଡିସେମ୍ବର ୧୯ରେ ବରଗଡ଼, ୨୦ରେ ସୋନପୁର, ୨୧ରେ କଳାହାଣ୍ଡି, ୨୨ରେ କୋରାପୁଟ ଓ ୨୩ରେ ମାଲକାନଗିରି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତି, ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିରେ ଅତିଷ୍ଠ ସାଧାରଣ ଜନତାଙ୍କୁ ସଚେତନ କରିବାକୁ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସେପଟେ ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯ୍ୟାତନା ଓ ହତ୍ୟା ଆଦି ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ରାଜ୍ୟ ସରକାର ନିଜ ମନ୍ତ୍ରୀ ଓ ନେତାମାନଙ୍କୁ ଘଂଟ ଘୋଡ଼ାଉଛନ୍ତି । ଏହାର ପ୍ରତିବାଦ କଲେ ପୋଲିସ ଲଗାଇ ଆନ୍ଦୋଳନକାରୀଙ୍କ ଉପରେ ଜୁଲୁମ କରୁଛନ୍ତି । ତେଣୁ ଏ ସମ୍ପର୍କରେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ଅବଗତ କରାଇ ଆଗାମୀ ପଂଚାୟତ ନିର୍ବାଚନରେ ଏହାର ଉପଯୁକ୍ତ ଜବାବ ଦେବାକୁ ଡ. ଲେଙ୍କା କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ବିଶ୍ୱସ୍ତରୀୟ ଷ୍ଟାର୍ଟ ଅପ୍ ଇନକ୍ୟୁବେସନ ସେଂଟର 'ଓ-ହବ୍'ର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ ପଟିଆ ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏସଇଜେଡ)ଠାରେ ବିଶ୍ୱସ୍ତରୀୟ ଷ୍ଟାର୍ଟ ଅପ୍ ଇନକ୍ୟୁବେସନ ସେଂଟର 'ଓ-ହବ୍'ର ଉଦଘାଟନ କରିଛନ୍ତି । ଏହି ଇନକ୍ୟୁବେସନ ସେଂଟର ରାଜ୍ୟରେ ଷ୍ଟାର୍ଟଅପମାନଙ୍କୁ ଗଢିବା ଓ ସେଗୁଡ଼ିକର ଅଭିବୃଦ୍ଧିରେ ସହାୟକ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୁବ ଉଦ୍ୟୋଗୀଙ୍କ ସହ ଆଲୋଚନା କରିଛନ୍ତି ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନର ତହସିଲ୍ ଘେରାଉ ନିଷ୍ପତ୍ତି

# ଓଡ଼ିଶା ନାଗରିକ ସମାଜର ଦାବି : ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଉ

ଭୁବନେଶ୍ୱର: ଓଡ଼ିଶା ନାଗରିକ ସମାଜର ୧୨ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ଆଲୋଚନା ଚକ୍ରରେ ରାଜ୍ୟର ବହୁ ବୁଦ୍ଧିଜୀବୀ, ଐତିହାସିକ, ଗବେଷକ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କର ସୁଚିନ୍ତିତ ମତାମତ ଦେଇଥିଲେ ।ଓଡ଼ିଶା ନାଗରିକ ସମଜାର ସଭାପତି ଇଂ ଲଳିତ ମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଐତିହାସିକ ପ୍ରଫେସର ନାରାୟଣ ରାଓ ମତବ୍ୟକ୍ତ କରି କହିଥିଲେ ଯେ, ଓଡ଼ିଶା ପାଇକ ବିଦ୍ରୋହ ଯେ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ଏ ନେଇ ଅନେକ ଗବେଷଣାତ୍ମକ ତଥ୍ୟ ରହିଛି ଏବଂ ଏହାକୁ ଗବେଷଣା ପରିଷଦରେ ସଠିକ୍ ଭାବରେ ଉପସ୍ଥାପନ କରି ପ୍ରମାଣିତ କରିବାର ଆବଶ୍ୟକତା ରହିଛି । ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ମାନ୍ୟତା ଦେବାପାଇଁ ଦଳମତ ନିର୍ବିଶେଷରେ ସମସ୍ତ ଓଡ଼ିଆ ଏକବଦ୍ଧ ହୋଇ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ଓ ସମ୍ବାଦର ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନେତା ଶ୍ରୀ ପ୍ରସାଦ ହରିଚନ୍ଦନ ଓଡ଼ିଆ ଜାତିର ବୀରତ୍ୱ ଓ ଐତିହ୍ୟର ସ୍ମୃତି ରୋମନ୍ଥନ କରିଥିଲେ । ଲଢୁଆ ଓଡ଼ିଆ ଜାତି କେବେ ଶୋଇନାହିଁ କି ଶୋଇବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପାଇକ ବିଦ୍ରୋହ ଯେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଗଣବିଦ୍ରୋହ ଏହା ଦୃଢ଼ଭାବେ କହିଥିଲେ । ପୂର୍ବତନ ସାଂସଦ ଶ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ଓଡ଼ିଶା ନାଗରିକ ସମାଜର ମୁଖ୍ୟ ଉପଦେଷ୍ଟା ଡଃ ଭଗବାନ ପ୍ରକାଶଙ୍କ ସୁଚିନ୍ତିତ ମାର୍ଗ ଦର୍ଶନରେ ଏହି ଦାବୀପୂରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ଏବଂ ଆବଶ୍ୟକସ୍ଥଳେ ଏହା ଏକ ଆନ୍ଦୋଳନରେ ପରିଣତ କରାଯିବାର ପ୍ରସ୍ତାବ ମଧ୍ୟ ଦେଇଥିଲେ । ଏହି ଅବସରରେ ଐତିହାସିକ ପ୍ରଫେସର ନାରାୟଣ ରାଓ, ରିକ୍ସାଚାଳକଙ୍କୁ ସମସ୍ତ ସମ୍ପତି ଦାନ କରି ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଥିବା ଶ୍ରୀମତୀ ମିନତୀ ପଟ୍ଟନାୟକ ଓ ନାଲକୋର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଶଶୀଭୂଷଣ ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଶୋଭନୀୟ ଶିକ୍ଷାଶ୍ରମର କୁନି କୁନି ଝିଅମାନେ ନୃତ୍ୟ ପରିବେଷଣ କରିଥିଲେ । ଓଡ଼ିଶା ନାଗରିକ ସମାଜର ଉପସଭାପତି ଡଃ ରୀନା ରାଉତରାୟଙ୍କ ସଂଯୋଜନାରେ ପରିଚାଳିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ମଜୋନ ଜେନା ଓଡ଼ିଶା ନାଗରିକ ସମାଜର ଦୀର୍ଘ ବାରବର୍ଷର ଯାତ୍ରା, ସଂଘର୍ଷ ଓ ସଫଳତା ଉପରେ ଆଲୋକପାତ କରିଥିଲେ । ଲିଲି ଜେନାମଣି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଶେଷରେ ଶ୍ରୀ ଭକ୍ତଚରଣ ଧନ୍ୟବାଦ ଅର୍ପଣ କରିଥିଲେ । ଅପର୍ଣ୍ଣା ନାୟକ, ଡଃ ଅରୁନ୍ଧତୀ ଦେବୀ, ଆଇନଜୀବୀ ବୀରକିଶୋର ନାୟକ, ଶ୍ରୀ ଦିଲ୍ଲୀପ ହରିଚନ୍ଦନ, ମାନସ ଜେନା, ସଞ୍ଜୟ ପଟ୍ଟନାୟକ, ପ୍ରମୋଦ ସାମନ୍ତରାୟ, ଜ୍ୟୋତ୍ସ୍ନା ଦାସ, ବାସୁଦେବ ଭଟ୍ଟ ପ୍ରମୁଖଙ୍କ ପରିଚାଳନାରେ ବହୁ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ପରାମର୍ଶ ଦେଇଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Tuesday December 21, 2021 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୨୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ ଏବଂ ମିଶନ ଶକ୍ତି ଗୃହ ଉଦ୍‌ଘାଟନ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ପଂଚାୟତରେ ଆଜି ବିଜୁ ସ୍ମାର୍ଟ କାର୍ଡ ବଂଟନ ଓ ମିଶନ ଶକ୍ତି ଗୃହ ଉଦଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକ କୁମାରୀ ପଂାଚୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ କାର୍ଡ ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ୭ ଲକ୍ଷ ଟଙ୍କାରେ ନିର୍ମିତ ମିଶନ ଶକ୍ତି ଗୃହକୁ ଉଦଘାଟନ କରିଥିଲେ । ଏହି ଉତ୍ସବରେ ବ୍ଲକ ଯୋଗାଣ ନିରିକ୍ଷକ ଜଗମୋହନ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ପୂର୍ବତନ ସାଂସଦ ରିତା ତରାଇ, ଜିଲ୍ଲାପରିଷଦ ସଭ୍ୟ ନିରନ ରାଉତ, ମମତା ଦଣ୍ଡପାଟ, ସାଗର ନାୟକ ବ୍ଲକ ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ ଯୋଗଦେଇଥିଲେ । ସରପଂଚ କବିତା ବେହେରା, ସମିତି ସଭ୍ୟା ପଦ୍ମିନୀ ମଲିକ ଓ ବିଜେଡି ମିଡିଆ ସେଲର ଅଧ୍ୟକ୍ଷ ସଂଗ୍ରାମ ଜେନା ଓ ସବ୍ୟସାଚୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ସେହିପରି ଗଙ୍ଗାଧରପୁର ପଂଚାୟତ କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ କାର୍ଡ ବଂଟନ ଓ ମିଶନ ଶକ୍ତି ଗୃହ ଉଦଘାଟନ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶନ ଶକ୍ତି ଗୃହ ଉଦଘାଟନ କରିବା ସହିତ ସ୍ୱାସ୍ଥ୍ୟ କାର୍ଡ ବଂଟନ କରିଥିଲେ ।

## ପତନୀବର ରେନବୋ କ୍ରିକେଟ ଟୁର୍ଣ୍ଣାମେଂଟ,ଅତ୍ରୀ ବିଜୟୀ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ସାରୁଅ ପଂଚାୟତ ଅନ୍ତର୍ଗତ ପତନୀବର ଗ୍ରାମର ରେନବୋ କ୍ରିକେଟ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ଆଜିର ମ୍ୟାଚଟି ପତନୀବର କ୍ରିକେଟ କ୍ଲବ ଓ ଅତ୍ରୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପତନୀବର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୫ ରନ ସଂଗ୍ରହ କରିଥିଲା । ତାର ପ୍ରତି ଜବାବରେ ବିଜୟ ଲକ୍ଷ୍ୟରେ ଅତ୍ରୀ କ୍ରିକେଟ କ୍ଲବ ୯ ଉଇକେଟ ବିନିମୟରେ ନିର୍ଦ୍ଧାରିତ ଓଭରରେ ୧୧୬ ରନ ରନ ସଂଗ୍ରହ କରି ବିଜୟ ଲାଭ କରିତ୍ଥଲା । ଏହି ଖେଳକୁ ଭାଗିରଥି ବେହେରା ଓ ବିନୟ ପାଇକରାୟ ପରିଚାଳନା କରିଥିଲେ ।

## ଯାଦବ ମହାସଙ୍ଘର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ଯାଦବ ମହାସଙ୍ଘର କାର୍ଯ୍ୟକାରିଣୀ ବୈଠକ ସଭାପତି ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତାମାନଙ୍କୁ ଶପଥପାଠ କରାଯାଇଥିଲା । ଯାଜପୁର ଜିଲ୍ଲା ଯାଦବ ମହାସଙ୍ଘର କାର୍ଯ୍ୟକାରୀ ସଭାପତି ଭାବେ ନିର୍ମଳ ଜତି, ବିଜୟ କୁମାର ବାରିକ, ଉପସଭାପତି ଅନିରୁଦ୍ଧ ବେହେରା, ବାସୁଦେବ ପଲେଇ, କାଳନ୍ଦି ଚରଣ ଦାସ, ରବିନ୍ଦ୍ର ବାରିକ, ନାରାୟଣ ଚନ୍ଦ୍ର ଦାସ, ନରହରି ନାୟକ, ପଂଚାନନ ବୁଡା, ହରିଶ ଚନ୍ଦ୍ର ଦାସ, ଯୋଗେନ୍ଦ୍ର ନାୟକ, ରତ୍ନାକର ପଲେଇ, କୁଳମଣି ଦାସ, ସୁଦର୍ଶନ ଦାସ, ନେତ୍ରାନନ୍ଦ ଦାସ, ବିଜୟ କୁମାର ଦାସ, ଚଉବନ ବାରିକ, ଚୈତନ୍ୟ ଦାସ, ପରମାନନ୍ଦ ଦାସଙ୍କୁ ସଭାପତି ଶପଥପାଠ କରାଇଥିଲେ । ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଶଶିଭୁଷଣ ପରିଡା, ବିଜୟ କୁମାର ଦାସ, ଚନ୍ଦନ ଦାସ, ମଧୁସୁଦନ ଦାସ, ଉତମ କୁମାର ଦାସ, ପ୍ରତାପ ଚନ୍ଦ୍ର ଦାସ, ଅଜିତ କୁମାର ବେହେରା, ଅଲେକଜାଣ୍ଡାର ଦାସ, ଯୁଗ୍ମ ସାଧାରଣ ସମ୍ପାଦକ ଅର୍ତବନ୍ଧୁ ପୃଷ୍ଟି, କୋଷାଧ୍ୟକ୍ଷ ରବିନ୍ଦ୍ର ବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଦୀପ୍ତିମୟୀ ଦାସ, ଯୁବ ଯାଦବ ସଭାପତି ଇଂ ମନୋଜ କୁମାର ଦାସଙ୍କୁ ଶପଥ ପାଠ କରାଯାଇଥିଲା । ସଙ୍ଗଠନ ସମ୍ପାଦକ ବେଣୁଧର ବେହେରା, ଚିତ୍ରଶେନ ଦାସ, ସମ୍ପାଦକ ଶଶିଭୁଷଣ ପରିଡା, ବିଜୟ କୁମାର ଦାସ, ଚନ୍ଦନ କୁମାର ଦାସ, ମଧୁସୁଦନ ଦାସ, ଉତମ କୁମାର ଦାସ,ବିଜୟ କୁମାର ଦାସ(ବି),ଶ୍ରୀନିବାସ ଦାସ, ହରିଶ ଚନ୍ଦ୍ର ଦାସ, ଭାଗିରଥି ଦାସ, ଅଭୟ ପରିଡା, ଦୁର୍ଯ୍ୟୋଧନ ଦାସ,ବିରବର ପଲେଇ, ସୁଧାକର ମହାକୁଡ, ବସନ୍ତ ଦାସ, ଘନଶ୍ୟାମ ଦା. ଭାଗିରଥି ବାହାଲିଆ ପ୍ରମୁଖଙ୍କୁ ଶପଥପାଠ କରାଯାଇଥିଲା । ଆଇନ ପରାମର୍ଶଦାତା ଆଇନଜୀବୀ ଦେବରାଜ ବେହେରା, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ରବିନ୍ଦ୍ର ନାଥ ବେହେରା, ଗୋବର୍ଦ୍ଧନ ପ୍ରଧାନ ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର କୁମାର ଦାସ, ବିପିନ ବିହାରୀ ଦାସ, ଘନଶ୍ୟାମ ଦାସ, ମୁରଲିଧର ଦାସ ପ୍ରମୁଖ ଶପଥପାଠ ଉତ୍ସବରେ ଉପସ୍ଥିଥିଲେ ।

## ଘର ବୁଲି ବିଦ୍ୟାର୍ଥୀଙ୍କ ସମସ୍ୟା ବୁଝିଲେ ସିଆରସିସି ଓ ପ୍ରଧାନ ଶିକ୍ଷକ

ଖୋର୍ଦ୍ଧା, (ପିଏନ): ରାଜ୍ୟରେ କରୋନା ମହାମାରୀ ଯୋଗୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକ ବନ୍ଦ ରହିଥିବା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କର ପାଠ ପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନଲାଇନ ଯୋଗେ ପାଠପଢା ଚାଲୁ ରହିଅଛି । ଏହି ଅଦ୍ୟୟନରତ ବିଦ୍ୟାର୍ଥୀ ମାନେ ସମସ୍ତ ସରକାରି ସୁବିଧା ଓ ସେମାନଙ୍କର ପାଠପଢାର ସ୍ଥିତି ପରଖି ଥିଲେ । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୧୫ ଟି ଆଂଚଳିକ ସାଧନ କେନ୍ଦ୍ରର ୧୪ ଜଣ ସାଧନ କର୍ମୀ ରହିଥିବା ବେଳେ କଂଟାବାଡ ଆଂଚଳିକ ସାଧନ କେନ୍ଦ୍ରର ସାଧନ କର୍ମୀ ରବୀନ୍ଦ୍ର ନାଥ ସାହୁ ବଡବେରଣା ପଂଚାୟତର କୋଲୁହାପାଟଣା ଗ୍ରାମର ସରକାରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ଓ ସହକାରୀ ଶିକ୍ଷକ ସୁଦର୍ଶନ ପଣ୍ଡାଙ୍କ ସହ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଘର ବୁଲି ପାଠପଢାର ସ୍ଥିତି ପରଖିଥିଲେ ।

## ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ଚଣ୍ଡିଖୋଲ,ତା.୧୯/୧୨(ପି.ଏନ)- ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଆନୁକୂଲ୍ୟରେ କଂଟିଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଜେ.ପି.ଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚକ୍ଷୁ ଚିକିତ୍ସା ସହିତ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଓ କର୍ଣ୍ଣ. ନାସା, ଗଳାର ପରୀକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପାଇଁ ଯାଜପୁର ଜିଲା ଶ୍ରୀ ସତ୍ୟସାଇ ସେବା ସମିତିର ସଭାପତି ଡ଼ଃ ନିଶିକାନ୍ତ କର, ମୁଖ୍ୟ ଅତିଥି ଭାବେ ରାଜ୍ୟ ସତ୍ୟସାଇ ସେବା ସମିତିର ସଭ୍ୟ ରଶ୍ମି ରଂଜନ ରାୟ, ଇ.ଏନ.ଟି ବିଶେଷଜ୍ଞ ଡ଼ଃ ଦେବବ୍ରତ ପାଣିଗ୍ରାହୀ, ଚକ୍ଷୁ ବିଶେଷଜ୍ଞ ଡ଼ଃ ସୁଖଦା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାତଃ ସମୟରେ ସାଇ ଆଶ୍ରିତ ଅପାବ୍ରତ ରଥ, ସ୍ୱାତୀପ୍ରିୟା ଜେନା, ମୋନାଲିସା ଜେନା, କ୍ରୀଷ୍ଣା ରଥ, କାବେରୀ ରଥ, ଅଧ୍ୟାପକ ତୁହିନାଂସୁ ରଥ, ସତ୍ୟସାଇ ଭଜନ ମଣ୍ଡଳୀ ଚତ୍ରପଦାର ସୁବାଷ ପଣ୍ଡା ପ୍ରମୁଖ ଓଁ କାର ଶବ୍ଦ ଉଚ୍ଚାରଣ କରି ବେଦ ପାଠ ଓ ଭଜନ କରିଥିଲେ । ରୋଗୀମାନଙ୍କ ସେବା କରିବା ପାଇଁ ଡ଼ାକ୍ତର ଦ୍ୱୟ ୨ ଶହ ୮୦ ଜଣ ରୋଗୀଙ୍କୁ ଚକ୍ଷୁ ଚିକିତ୍ସା କରାଇଥିଲେ ଓ ସେଥିରୁ ୨୩ ଜଣଙ୍କୁ ଚିହ୍ନଟ କରି ମୋତିଆବିନ୍ଦୁ ଅପରେସନ୍ ପାଇଁ ଜେ.ପି.ଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ପଠାଇବା ପାଇଁ ଯୋଜନା କରାଯାଇଥିଲା । ଆନୁଷ୍ଠାନିକ ଭାବେ ଡ଼ଃ କର ଉଦଘାଟନ କରିବା ପରେ ଭଗବାନ୍ ଶ୍ରୀ ସତ୍ୟସାଇ ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଅବତାର ଭାବେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ସଂଗଠନ ନାମରେ ସାରା ବିଶ୍ୱରେ ସ୍ୱାସ୍ଥ୍ୟସେବା, ଶିକ୍ଷାସେବା ସହିତ ସମସ୍ତଙ୍କୁ ଭଲ ପାଇବା । ଆଜି ସ୍ୱାସ୍ଥ୍ୟସେବା ପାଇଁ ଆମ ଓଡ଼ିଶାରୁ ବହୁ ହୃଦରୋଗୀ ପ୍ରଶାନ୍ତି ସ୍ଥିତ ମେଡ଼ିକାଲ ଓ ବାଙ୍ଗାଲୁରୁ ସ୍ଥିତ ସୁପଟ ହସପିଟାଲକୁ ରୋଗୀମାନେ ଯାଇ ବିନା ଖର୍ଚ୍ଚରେ ଭଲ ହୋଇ ଫେରୁଛନ୍ତି । ତେଣୁ ଜେନା, ଦୁଃଶାସନ ବେହେରା, ବ୍ରହ୍ମାନନ୍ଦ

## ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଅଚ୍ୟୁତପୁର ଗ୍ରାମସ୍ଥିତ ଦାମୋଦର ବିଦ୍ୟାପୀଠରେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ଛାତ୍ରାଭିଭାବକ ଯୋଗଦେଇ ସ୍କୁଲ ପରିଚାଳନା ପାଇଁ ସଭ୍ୟସଭ୍ୟା ଚୟନ କରିଥିଲେ । ପରେ ସରୋଜ କୁମାର ଲେଙ୍କା ସଭାପତି, ବନିତା ସାହୁ ଉପସଭାନେତ୍ରୀ, ନକୁଳ ରାଉତ, ଅରୁଣ ବେହେରା, ପଦ୍ମନାଭ ଖଟୁଆ, ବିରେନ୍ଦ୍ର ସାହୁ, ଉମେଶ ବାରିକ ସଭ୍ୟ, ସବିତା ବାରିକ, ଉର୍ବଶୀ ସାହୁ, ରିତା ଗୁରୁ, ମିଟି ଗେଡି ଓ ସବିତା ଦାସଙ୍କୁ ସଭ୍ୟାଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ବିଦ୍ୟାଳୟର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ଶିଶୁ ପାଇଁ ଦିନଟିଏ ଜିଲ୍ଲା ସ୍ତରୀୟ ବୈଠକ




ଖୋର୍ଦ୍ଧା,(ପିଏନ): ଶିଶୁ ପାଇଁ ଦିନଟିଏ ଜିଲ୍ଲା ସ୍ତରୀୟ ବୈଠକ ତଥା ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ନିରୋଧ ଟାସ୍କ ଫୋର୍ସ ଏବଂ ବେଟୀ ଚୟନ ତଥା ବେଟୀ ପଢାଅବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ଶିଶୁ ମାନଙ୍କର ସୁରକ୍ଷା ଓ ସେମାନଙ୍କର ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ବାଲ୍ୟ ବିବାହମୁକ୍ତ ଗ୍ରାମପଂଚାୟତ ତଥା ଜିଲ୍ଲା ଘୋଷଣା କରିବା ପାଇଁ ପଦକ୍ଷେପ ନେବା ,ଶିଶୁ ଭିକ୍ଷା ବୃତି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।ବିଭିନ୍ନ ଇଟାଭାଟିରେ କାମ କରୁଥିବା ଶ୍ରମିକ ମାନଙ୍କ ପିଲା ମାନଙ୍କୁ ଇଟାଭାଟି ମାଲିକ କଣ ସୁବିଧା ସୁଯୋଗ ଦେଇଛନ୍ତି ତା ଉପରେ ଏକ ସ୍କାର୍ଡ ଗଠନ କରି ତଦାରଖକରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଅସହାୟ ଶିଶୁ ମାନଙ୍କୁ ଉଦ୍ଧାର କରିବା ସେମାନଙ୍କୁ ଥଇଥାନ କରିବା ପାଇଁ କହିଥିଲେ ।ଶିଶୁ ମାନଙ୍କ ପ୍ରତି ଅନ୍ୟାୟଅତ୍ୟାଚାର ନହେବା ପାଇଁ କହିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ବୈଠକରେ ସ୍ୱାଗତ ଭାଷଣ ଦେବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ । ଶିଶୁ ସୁରକ୍ଷାଦିଗରେ ସମସ୍ତ ବିଭାଗର ଦାୟିତ୍ୱ ଥିବାରୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏସକେ ମୁର୍ମୁ,ଜିଲ୍ଲା ମଙ୍ଗଳ ଅଧିକାରୀ ମନୋଜ ନାୟକ,ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ରଘୁନାଥ ନାୟକ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗଧା ମିଶ୍ର,ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦିବାକର ପାତ୍ର,ନେହୁରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ବିପିନ କୁମାର,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ,ଓଡେଟ ଅକ୍ସନ କ୍ଷେତ୍ର ଅଧିକାରୀ ଦୀପକ କୁମାର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ଶିଶୁ ସୁରକ୍ଷା ଦିଗରେ ନିଜର ମତାମତ ଦେଇଥିଲେ ।ଖୋର୍ଦ୍ଧା ବିଜୁ ଶିଶୁ ସୁରକ୍ଷା ଯୋଜନାରୁ ୫୦ ହଜାର ଟଙ୍କା ଆଦୃତ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ସ୍ୱନ୍ଦିତାଙ୍କୁ ବିବାହ ସହାୟତାରାଶି ପ୍ରଦାନ କରିଥିଲେ ।ଏହି ବୈଠକ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ରଞ୍ଜନ କୁମାର ଗୋଚ୍ଛାୟତ,ଅର୍ଚ୍ଚନା ରାୟ,ମନସ୍ୱିନୀ ମହାପାତ୍ର ଓ ଅନୁପ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଘର ବୁଲି ବିଦ୍ୟାର୍ଥୀଙ୍କ ସମସ୍ୟା ବୁଝିଲେ ସିଆରସିସି ଓ ପ୍ରଧାନ ଶିକ୍ଷକ

ଖୋର୍ଦ୍ଧା, (ପିଏନ): ରାଜ୍ୟରେ କରୋନା ମହାମାରୀ ଯୋଗୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକ ବନ୍ଦ ରହିଥିବା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କର ପାଠ ପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନଲାଇନ ଯୋଗେ ପାଠପଢା ଚାଲୁ ରହିଅଛି । ଏହି ଅଦ୍ୟୟନରତ ବିଦ୍ୟାର୍ଥୀ ମାନେ ସମସ୍ତ ସରକାରି ସୁବିଧା ଓ ସେମାନଙ୍କର ପାଠପଢାର ସ୍ଥିତି ପରଖ ଥିଲେ । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୧୫ ଟି ଆଂଚଳିକ ସାଧନ କେନ୍ଦ୍ରର ୧୪ ଜଣ ସାଧନ କର୍ମୀ ରହିଥିବା ବେଳେ କଂଟାବାଡ ଆଂଚଳିକ ସାଧନ କେନ୍ଦ୍ରର ସାଧନ କର୍ମୀ ରବୀନ୍ଦ୍ର ନାଥ ସାହୁ ବଡବେରଣା ପଂଚାୟତର କୋଲୁହାପାଟଣା ଗ୍ରାମର ସରକାରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ଓ ସହକାରୀ ଶିକ୍ଷକ ସୁଦର୍ଶନ ପଣ୍ଡାଙ୍କ ସହ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଘର ବୁଲି ପାଠପଢାର ସ୍ଥିତି ପରଖିଥିଲେ ।

## ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଦେହରେ ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମାହୁତି ଉଦ୍ୟମ



ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଆଜି ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ତହସିଲ ଅଫିସକୁ କାର୍ଯ୍ୟ ପାଇଁ ବାରମ୍ବାର ଦୌଡି ବିଫଳ ହେବାରୁ ଜଣେ ମହିଳା ଆଜି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ମହିଳା ଜଣକ ଦେହରେ ପେଟ୍ରୋଲ ଢାଳି ହୋଇ ନିଆଁ ଲଗାଇବା ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାଙ୍କୁ କାବୁ କରି ନେଇଥିବାରୁ ସେ ଏକ ନିଶ୍ଚିତ ଅଘଟଣାରୁ ବର୍ତିଯାଇଛନ୍ତି । ମହିଳା ଜଣକ ଏହି ଥାନା ନେଉଳପୁର ଗ୍ରାମର ଅକ୍ଷୟ ରାଉତଙ୍କ ପତ୍ନୀ ଅନିମା ରାଉତ ବୋଲି ଜଣାପଡିଛି । ସେ ଗତ ୩ ମାସ ତଳେ ତାଙ୍କର ଏକ ଚକଭୁକ୍ତ ଜମିକୁ ଅନ୍ୟତ୍ର ବିକ୍ରି କରିବା ପାଇଁ ତହସିଲଦାରଙ୍କ ଠାରୁ ଅନୁମତି ପାଇଁ ଅବେଦନ କରିଥିଲେ । ଚକଭୁକ୍ତ ଜମି ବିକ୍ରି ପାଇଁ ଉପଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁମତି ଆବଶ୍ୟକ ବୋଲି ତହସିଲଦାର ତାଙ୍କୁ କହିଥିଲେ । ପରେ ମହିଳା ଜଣକ ଯାଜପୁର ଟାଉନ ଯାଇ ସେଠାରେ ଅତିରିକ୍ତ ତହସିଲଦାରଙ୍କୁ ଭେଟି ଏସମ୍ପର୍କରେ ଆବେଦନ କରିଥିଲେ ହେଁ କୌଣସି ପ୍ରକାର ସୁଫଳ ପାଇନଥିଲେ । ଆଜି ସେ ତହସିଲଦାରଙ୍କୁ ଭେଟିଏସମ୍ପର୍କରେ ପଚାରିବାରୁ ତହସିଲଦାର ତାଙ୍କ ଉପରେ ରାଗିଯାଇ ଏଠାରୁ ବାହାର ବୋଲି ଧମକ ଦେଇଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି । ଶେଷରେ ସେ ନିରୁପାୟ ହୋଇ ତହସିଲ ପରିସରରେ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ମହିଳାଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣା ସମ୍ପର୍କରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray